## ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

କଟକ ଅଫିସ: ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି ) କଟକ ନଗର ପକ୍ଷରୁ ବୁଧବାର ନୂଆବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ଯୁକ୍ତ୨ ଓ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେଉଥିବା ବିଦ୍ୟାର୍ଥୀମାନଙ୍କୁ ନିଜର ବ୍ୟକ୍ତିତ୍ୱ ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ପ୍ରଦୀପ୍ତ କୁମାର ଜେନା, ଅଧାପକ ଜିତେନ୍ଦ୍ର ବାରିକ, ଡା. ଦୀପକ କୁମାର ସାମଲ୍ ଉପସ୍ଥିତ ରହି ଛାତ୍ରାଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

**ସଂକ୍ଷେପରେ**

## ପ୍ରାଣୀ ଚିକିତ୍ସା ଶିବିର

କଟକ ଅଫିସ, ୮।୯: ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ମହୁଲସାହି ଗ୍ରାମରେ କଟକ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାଣୀ ଚିକିତ୍ସା ଓ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ରମଣ କୁମାର ମହାନ୍ତି ଯୋଗଦେଇ ବର୍ଷାଦିନେ ପ୍ରାଣୀମାନଙ୍କ କ୍ଷେତ୍ରରେ ଦେଖାଦେଉଥିବା ରୋଗର ନିରାକରଣ ଉପରେ ଆଲୋଚନା କରିଥିଲେ। ଏଥିସହ ପ୍ରାୟ ୧୭୨ ଛେଳିମେଣ୍ଢା ଓ ଗୋରୁଙ୍କ ଚିକିତ୍ସା କରି ଔଷଧ ପ୍ରଦାନ କରିଥିଲେ। କୃମି ସମ୍ବନ୍ଧୀୟ ବିଭିନ୍ନ ରୋଗର କାରଣ ଓ ନିରାକରଣ ଉପରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଗୁହାଳ ସଫା କରିବା ପାଇଁ ଚାଷୀମାନଙ୍କୁ ବ୍ଲିଚିଂ ପାଉଡର ଓ ପ୍ରାଣୀମାନଙ୍କୁ ଟିଙ୍କ କବଳରୁ ରକ୍ଷା କରିବା ପାଇଁ ସାଇପରମେଥ୍ରିନ୍ ଦିଆଯାଇଥିଲା। ପ୍ରଶାନ୍ତ ପ୍ରଧାନ ଓ ଅରବିନ୍ଦ ବିଶୋଇ ଶିବିର ପରିଚାଳନା କରିଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର ଜଗନ୍ନାଥ ମହାନ୍ତଙ୍କ ନେତୃତ୍ୱରେ ବହୁସଂଖ୍ୟକ ଜନସାଧାରଣ ଯୋଗଦେଇ ପ୍ରାଣୀ ପାଳନରେ ଦେଖା ଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ।

## ପଦକ୍ଷେପ ନିଆ ନ ଗଲେ ଧାରଣା

### ମିଟର ପରିବର୍ତ୍ତନକୁ କଂଗ୍ରେସର ବିରୋଧ

ଫୁଲନଖରା,୮।୯(ଡି.ଏନ୍.ଏ.): ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଟର ପରିବର୍ତ୍ତନ, ମିଟର ଠିକ୍ ଥାଇ ପେମେଣ୍ଟ ନେବା ଓ ମିଟର ମେଣ୍ଟେନାନ୍ସ ଫି' ଆଦାୟକୁ କଂଗ୍ରେସ ପକ୍ଷରୁ ବିରୋଧ କରାଯାଇଛି। ଆଗାମୀ ୧୫ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ସମସ୍ତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୪ ନଂ. ୱାର୍ଡ ଅଧୀନ ନଖରା ଗ୍ରାମର ବୀରବର ଭବନରେ ବୁଧବାର ଭୁବନେଶ୍ୱର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ୩ ନଂ. ଜୋନ୍ ସଭାପତି ବ୍ରହ୍ମାନନ୍ଦ ସାହୁ ସୂଚନା ଦେଇଛନ୍ତି। ଏଥିରେ ବ୍ଲକ କଂଗ୍ରେସ ସଭାପତି ଅଶୋକ ଦାସ, ସଦସ୍ୟ ଦେବାଶିଷ ଦାସ, କେଦାରନାଥ ଜେନା, ହୃଦାନନ୍ଦ ସାହୁ, ଗଣେଶ ପ୍ରସାଦ ଦାଶ ଯୋଗଦେଇଥିଲେ।

## ମନ୍ତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ପୁରୁଣା ଭୁବନେଶ୍ୱର,୮।୯(ଡି.ଏନ୍.ଏ.): ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ୱାର୍ଡ ନଂ ୬୫, ୬୬ରେ ପ୍ରାୟ ଦେଢ଼ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତଥା ସ୍ଥାନୀୟ ବିଧାୟକ କରିଥିଲେ। ସେଥିମଧ୍ୟରୁ ଡୁମୁଡୁମା ୪ ଫେଜ ପାର୍କ ପାଇଁ ବିଡିଏ ପକ୍ଷରୁ ୨୪ ଲକ୍ଷ ଅନୁମୋଦନ ଦିଆଯାଇଛି। ଏହି ନୂତନ ପାର୍କରେ ପାଚେରି ନିର୍ମାଣ, ୱାକିଂ ଟ୍ରାକ, ଜିମ ଇକୁପମେଣ୍ଟ, ଶିଶୁମାନଙ୍କ ପାଇଁ କ୍ରୀଡ଼ା ଉପକରଣ, ଚାରାରୋପଣ ପ୍ରଭୃତି ରହିଛି। ଦୀର୍ଘ ବର୍ଷ ପରେ ପାର୍କ ନିର୍ମାଣ ହେଉଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ପରେ ୩୬ ଲକ୍ଷ ଟଙ୍କାରେ କଂକ୍ରିଟ ଡ୍ରେନ, ଫେଜ ୩ ରେ ୪୬ ଲକ୍ଷ ଏବଂ ୪୦ଲକ୍ଷ ଟଙ୍କା ବ୍ୟୟରେ ବିଏମ୍‌ସି ପକ୍ଷରୁ ଦୁଇଟି କଂକ୍ରିଟ ଡ୍ରେନ ଶିଳାନ୍ୟାସ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କର୍ପୋରେଟର ଛବି ଦାସ, ମୁଜାହିଦ ହୁସେନ, ଅଶ୍ୱିନୀ ସୁନ୍ଦରାୟ, ଜ୍ୟୋତ୍ସ୍ନାମୟୀ ଜେନା, ସାମାଜିକ କର୍ମୀ ବଳରାମ ସ୍ୱାଇଁ, ବର୍କତ ଉଲ୍ଲା, ପ୍ରତାପ ଜେନା, ଲୋକନାଥ ପାତ୍ର, ରାଜେଶ ପାତ୍ର, ବିପ୍ରଚରଣ ପ୍ରଧାନ, ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲୋଡ଼ା ହୋଇପଡ଼ିଛି ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର

- ଫନୀଠାରୁ ଭାଙ୍ଗିପଡିଛି ପାଚେରି, ଆଜବେଷ୍ଟସ
- ଜମୁଛି ଅସାମାଜିକଙ୍କ ଆଡ୍ଡା
- ନିର୍ମାଣ, ମରାମତିରେ ସରିଲାଣି ଅଢ଼େଇ କୋଟି

କଟକ ଅଫିସ, ୮।୯



କଟକ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟରେ ଥିବା ନେତାଜୀ ବ୍ୟାଖ୍ୟାନ କେନ୍ଦ୍ର ଅଲୋଡା ହୋଇ ପଡିରହିଛି। ଫନୀ ସମୟରେ ଏହି କେନ୍ଦ୍ରର ପାଚେରି ଭାଙ୍ଗି ଯିବାସହ କୋଠା କ୍ଷତିଗ୍ରସ୍ତ ହୋଇଥିଲେ ମଧ୍ୟ ମରାମତି କରାଯାଉନାହିଁ। ମୁକୁଳା ପଡିଥିବାରୁ ଏହା ପରିସରରେ ବୁଲାଗୋରୁ, କୁକୁର ପ୍ରବେଶ କରୁଛନ୍ତି। ରାତି ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ସେହିପରି ଏଠାରେ ଦୀର୍ଘଦିନ ଧରି ଆବର୍ଜନା ଜମି ରହିଛି। ଡ୍ରେନେଜ ବ୍ୟବସ୍ଥା ଠିକ୍ ନ ଥିବାରୁ ବିଭିନ୍ନ ସାହିର ଦୂଷିତ ପାଣି ଏଠାରେ ଜମି ରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଫଳରେ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ଏଠାକାର ପରିବେଶକୁ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ନେତାଜୀଙ୍କ ଜୀବନୀ ବିଷୟରେ ଦେଶବିଦେଶର ପର୍ଯ୍ୟଟକମାନେ ଜାଣିବା ଉଦ୍ଦେଶ୍ୟରେ ୨୦୧୬ରେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ୧ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ କରାଯାଇଥିଲା। ଏହା ଭିତରେ ଅଡିଟୋରିୟମ ହଲ୍ ବ୍ୟବସ୍ଥା ହୋଇଥିଲା। ଏହି ହଲ୍‌ରେ ୫୦ ସିଟ୍, ଲାଇଟ୍ ଆଣ୍ଡ ସାଉଣ୍ଡ ବକ୍ସ ଓ ପ୍ରୋଜେକ୍ଟର ଲଗାଯାଇଥିଲା। ଫଳରେ ପର୍ଯ୍ୟଟକମାନେ ବସି ଅଡିଓ ଭିଜୁଆଲ ମାଧ୍ୟମରେ ନେତାଜୀଙ୍କ ଜୀବନୀ ବିଷୟରେ ଜାଣିପାରିବେ। ଏଥିସହ ଗବେଷକମାନେ ନେତାଜୀଙ୍କ ଜୀବନୀ ସମ୍ପର୍କିତ ତଥ୍ୟ ହାସଲ କରିପାରିବେ। ଏଥିପାଇଁ ସବୁ ବ୍ୟବସ୍ଥା ସରିଥିଲେ ମଧ୍ୟ କୌଣସି କାରଣବଶତଃ ତାହାକୁ ଉଦ୍‌ଘାଟନ କରାଯାଇ ପାରି ନ ଥିଲା। ଫଳରେ ଦୀର୍ଘଦିନ ଧରି ଏହି ଜିନିଷ ବ୍ୟବହାର ନ ହେବାରୁ ତାହା ନଷ୍ଟ ହୋଇଯାଇଥିଲା। ୨୦୧୮ରେ ଓଟିଡିସି ପକ୍ଷରୁ ଏହାର ନବୀକରଣ କରାଯାଇ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟକୁ ହସ୍ତାନ୍ତର କରାଯାଇଥିଲା। ହେଲେ ଟ୍ରଷ୍ଟ ପକ୍ଷରୁ ମଧ୍ୟ ଏହାକୁ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇ ନ ଥିଲା। ମୋଟାମୋଟି ଭାବେ ଉକ୍ତ କେନ୍ଦ୍ର ନିର୍ମାଣ ଓ ମରାମତି ବାବଦକୁ ପ୍ରାୟ ଅଢେଇ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଜଣେ କର୍ମଚାରୀ ପରିଚୟ ଗୋପନ ରଖି କହିଛନ୍ତି।

ଦୀର୍ଘଦିନ ଧରି ବନ୍ଦ ରହିବା ଫଳରେ ଏହାର ଅଟ୍ଟାଳିକା ନଷ୍ଟ ହେବାକୁ ବସିଛି। ୨୦୧୯ରେ ଫନୀ ପ୍ରଭାବରେ ଏହାର ଫାଇବର୍ ଆଜବେଷ୍ଟସ ଭାଙ୍ଗିରୁଜି ଯିବା ସହ ଭିତର ପ୍ଲାଏବୋର୍ଡ ସିଲିଂ ନଷ୍ଟ ହୋଇଯାଇଛି। ଏଥିସହ ଲାଇଟ୍ ଏବଂ ସାଉଣ୍ଡ ବ୍ୟବସ୍ଥା ମଧ୍ୟ ଖରାପ ହୋଇଯାଇଛି। ଏହାର ପୁନରୁଦ୍ଧାର କରି କାର୍ଯ୍ୟକ୍ଷମ କରାଗଲେ ପର୍ଯ୍ୟଟକଙ୍କ ସହ ରାଜ୍ୟବାସୀ ନେତାଜୀଙ୍କ ବିଷୟରେ ଅନେକ ତଥ୍ୟ ପାଇପାରିବେ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ସମ୍ପର୍କରେ ପୂର୍ବତନ କର୍ପୋରେଟର ଅରୁଣ ସେଠୀ କହିଛନ୍ତି, ବ୍ୟାଖ୍ୟାନ କେନ୍ଦ୍ରର ପୁନରୁଦ୍ଧାର ପାଇଁ ପ୍ରଶାସନ ନିକଟରେ ଅନେକଥର ଦାବି କରିଛି। କେବଳ ନେତାଜୀ ଜୟନ୍ତୀ ଆସିଲେ ତୋରଣରେ ସାମାନ୍ୟ ରଙ୍ଗ ଲଗାଇ ପ୍ରଶାସନ ଦାୟିତ୍ୱ ଶେଷ କରୁଛି। ହେଲେ ଏହାକୁ କାର୍ଯ୍ୟକ୍ରମ କରିବା ଦିଗରେ ପ୍ରଶାସନ ତତ୍ପରତା ପ୍ରକାଶ କରୁନାହିଁ। ଏ ସମ୍ପର୍କରେ ଜନ୍ମସ୍ଥାନ ସଂଗ୍ରହାଳୟ ଦାୟିତ୍ୱରେ ଥିବା ଅଧିକାରୀ ଜଲେନ୍ଦ୍ର ପ୍ରସାଦ ରାୟ କହିଛନ୍ତି, କେନ୍ଦ୍ରର ପୁନରୁଦ୍ଧାର ପାଇଁ ଯୋଜନା ପ୍ରସ୍ତୁତ ହେଉଛି। ଭାଙ୍ଗି ଯାଇଥିବା ପାଚେରି ମରାମତି ପାଇଁ ଟେଣ୍ଡର ସରିଛି। ଏହାର ମରାମତି ସହ କେନ୍ଦ୍ରର ଅନ୍ୟ କାମ ଖୁବ୍‌ଶୀଘ୍ର ଆରମ୍ଭ ହେବ।

## ପ୍ରତିଭା ସମ୍ମାନ ସମାରୋହ

କଟକ ଅଫିସ, ୮।୯

କଳ୍ପନା ସାହିତ୍ୟ, ସାଂସ୍କୃତିକ ଏବଂ ସାମାଜିକ ପରିଷଦ ପକ୍ଷରୁ ଷୋଡ଼ଶ ପ୍ରତିଭା ସମ୍ମାନ ସମାରୋହ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତା ପାଠ ଉତ୍ସବ ହୋଇଥିଲା। ଅଶ୍ୱିନୀ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିଥି ଭାବେ ବନ୍ଦନା ନାୟକ, ସୂର୍ଯ୍ୟନାରାୟଣ ସାବତ, ବାସୁଦେବ ସିଂ, ବିଜୟ ପଟ୍ଟନାୟକ, ବୈଦ୍ୟନାଥ ପଣ୍ଡା ଓ ସଂଯୋଜକ ଭାବେ ସୀତାଂଶୁ ଜେନା ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନ ନାରାୟଣ ଚନ୍ଦ୍ର ସେନାପତି ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଅଜୟ କୁମାର ପଣ୍ଡା, ଉଦ୍‌ଘାଟକ ଭାବେ ଉତ୍କଳ ସାହିତ୍ୟ ସମାଜ ସଭାପତି ତରୁଣ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଡ. ଧୀରେନ ମହାନ୍ତି, ବରେଣ୍ୟ ଅତିଥି ଭାବେ ସୋହାଗିନୀ ବେହେରା, ମନୀଷା ରାୟ, ମାନସୀ ବେହୁରା, ଜ୍ୟୋତି ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟସ୍ତରୀୟ କବିତା ସଙ୍କଳନ ବିଥିକା ଉନ୍ମୋଚିତ ହୋଇଥିଲା ସୌଭାଗିନୀ ଜେନା ଧନ୍ୟବାଦ ଦେଇଥିଲେ ।

## 'ଉପଶମ ପାଇଁ ଫିଜିଓଥେରାପିର ଆବଶ୍ୟକତା ରହିଛି'

**ବିଶ୍ୱ ଫିଜିଓଥେରାପି ଦିବସ**

କଟକ ଅଫିସ, ୮।୯

ଟାଙ୍ଗୀସ୍ଥିତ ଡ୍ରିମ୍‌ସ କଲେଜ ଅଫ ଅକ୍ୟୁପେସନାଲ ଓ ଫିଜିଓଥେରାପି ପକ୍ଷରୁ ବିଶ୍ୱ ଫିଜିଓଥେରାପି ଦିବସ ସ୍ଥାନୀୟ ଜୟଶ୍ରୀ ଅଡିଟୋରିୟମଠାରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ ଓଲଟପୁରସ୍ଥିତ ଏସ୍‌ଭି ନିରତାରର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ମୁଖ୍ୟ ଅତିଥି ଓ ଏସ୍‌ସିବି ମେଡିକାଲ ସ୍ନାୟୁଶଲ୍ୟ ବିଭାଗୀୟ ମୁଖ୍ୟ ଡା. ଅଶୋକ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚିକିତ୍ସା ପରବର୍ତ୍ତୀ ଉପଶମ ଲାଗି କେବଳ ଔଷଧ ନୁହେଁ ଫିଜିଓଥେରାପିର ଆବଶ୍ୟକତା ରହିଛି ବୋଲି କହିଥିଲେ। ଏଥିରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ପଦ୍ମିନୀ କେୟାର ହସ୍ପିଟାଲର ଅଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା ଓ କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଷ୍ଟ୍ରୋକ୍ ୟୁନିଟ୍ ଓ ଆକ୍ୟୁଆ ସେଣ୍ଟ୍ରିକ୍‌ଥେରାପି କେନ୍ଦ୍ର ଉଦ୍‌ଘାଟନ ସହ ପ୍ରାଧ୍ୟାପିକା ଡ. ଲୀନା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡା. ବିଶ୍ୱଜିତ୍ କାନୁନ୍‌ଗୋ ସ୍ୱାଗତ ଭାଷଣ, ଉପାଧ୍ୟକ୍ଷ ଡା. ଦୁର୍ଗାପ୍ରସାଦ ମିଶ୍ର ଅତିଥି ପରିଚୟ ପ୍ରଦାନ ଓ ପ୍ରାଧ୍ୟାପିକା ଅମ୍ରିତା ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଶିକ୍ଷକ ଡା. ମେହେବୁବ୍ ଅଲ୍ଲୀ, ଦୀପକ କୁମାର ମଲ୍ଲିକ, ଅଙ୍କିତା ରାଉତ, ଡା. ଶୁଭାଶିଷ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ନଗର ଭାଜପା ମହିଳା ମୋର୍ଚ୍ଚାର କର୍ମକର୍ତ୍ତାମାନେ ଚାନ୍ଦିନୀଚୌକ ଦୁର୍ଗାମଣ୍ଡପ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ଅଟଳ ଟିଙ୍କରିଙ୍ଗ୍ ଲାବ୍ ଉଦ୍‌ଘାଟିତ

ବାଙ୍କୀ,୮।୯(ସ୍ୱ.ପ୍ର.)

ବାଙ୍କୀ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ବୁଧବାର ଭାରତ ସରକାରଙ୍କ ନୀତି ଆୟୋଗ ଦ୍ୱାରା ମଞ୍ଜୁରୀ ଓ ସହାୟତାରେ ଅଟଳ ଟିଙ୍କରିଙ୍ଗ୍ ଲାବ୍ ଉଦ୍‌ଘାଟିତ ହୋଇଯାଇଛି। ଉତ୍ସବରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଲାବ୍ ଦ୍ୱାରା ପିଲାମାନଙ୍କୁ ବିଭିନ୍ନ କାରିଗରି କୌଶଳ ଓ ଦକ୍ଷତା ଉପରେ ତାଲିମ୍ ଦିଆଯାଇ ପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁମନ୍ଦିର ସମ୍ପାଦକ ଶିବବ୍ରତ ରଥ ବିବରଣୀ ପାଠ କରିବା ସହ ଲାବ୍ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଡମପଡ଼ା ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ଅଶୋକ କୁମାର ପଟ୍ଟନାୟକ, ବାଙ୍କୀ ତହସିଲଦାର ସତ୍ୟରଞ୍ଜନ ପଣ୍ଡା, କିଶୋର ଚନ୍ଦ୍ର ମହାନ୍ତି, ଶିକ୍ଷାବିତ୍ କୁଳମଣି ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ।

## ବ୍ରହ୍ମେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ଗଠିତ

ପୁରୁଣା ଭୁବନେଶ୍ୱର,୮।୯(ଡି.ଏନ୍.ଏ.)

ଏକାମ୍ର କ୍ଷେତ୍ରର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବ୍ରହ୍ମେଶ୍ୱର ମନ୍ଦିରର ନୂତନ ଟ୍ରଷ୍ଟବୋର୍ଡ଼ ଗଠନ ନେଇ ରାଜ୍ୟ ସରକାରଙ୍କ ଆଇନ ବିଭାଗ ଅନୁମୋଦନ ପ୍ରଦାନ କରିଛି। ଦେବୋତ୍ତର ବିଭାଗ ତରଫରୁ ଗତ ୧୩ ଅଗଷ୍ଟ ୨୦୧୯ ଏବଂ ୨୪ଜୁନ ୨୦୨୧ ଓଡ଼ିଶା ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ ଅନୁଯାୟୀ ଅଣବଂଶାନୁକ୍ରମିକ ଟ୍ରଷ୍ଟବୋର୍ଡ଼ ଗଠନ ନେଇ ରାଜ୍ୟ ଆଇନ ବିଭାଗକୁ ଲେଖିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ଆଇନ ବିଭାଗର ଦେବୋତ୍ତର ଦାୟିତ୍ୱରେ ଥିବା ଅଣ୍ଡର ସେକ୍ରେଟାରୀ ପାହ୍ୟା ଅଧିକାରୀ ଆନୁଷ୍ଠାନିକ ଭାବେ ଜୁଲାଇ ୩୦ତାରିଖରେ ନିଷ୍ପତ୍ତି ନିଆଯାଇଥିବା ନେଇ ଚିଠି ମାଧ୍ୟମରେ ଜଣାଇଛନ୍ତି। ମାତ୍ର ୨ବର୍ଷ ପାଇଁ କାର୍ଯ୍ୟକାରୀ ହେବାକୁ ଥିବା ଏହି ଟ୍ରଷ୍ଟ ବୋର୍ଡରେ ଦେବୋତ୍ତର ବିଭାଗର ଅନୁମୋଦନ ଥାଇ ୯ଜଣିଆ ସଦସ୍ୟଙ୍କୁ ନିଆଯାଇଅଛି। ଏଥି ଅନୁଯାୟୀ ମନ୍ଦିର ଟ୍ରଷ୍ଟ ପରିସରରେ ସୋମବାର ସମସ୍ତ ସଦସ୍ୟଙ୍କ ମତାମତ ଅନୁଯାୟୀ କାହ୍ନୁଚରଣ ସାମନ୍ତରାୟଙ୍କୁ ମ୍ୟାନେଜିଂ ଟ୍ରଷ୍ଟି ଭାବେ ଚୟନ କରାଯାଇଛି। ସେହିଭଳି ପୁଷ୍ପା ଦାସ, ବଡ଼ଗଡ଼ ଥାନା ଆରକ୍ଷୀ ଅଧୀକ୍ଷକ, ବିଷ୍ଣୁପ୍ରସାଦ ପଣ୍ଡା, ବଟକୃଷ୍ଣ ପଟ୍ଟନାୟକ, ରଣଜିତ ପଟ୍ଟନାୟକ, ଦେବାଶିଷ ନାୟକ, ପ୍ରମୋଦ କୁମାର ବେହେରା ଏବଂ ଗୁରୁଚରଣ ଦାସ ପ୍ରମୁଖ ସଦସ୍ୟ ଭାବେ ନିଯୁକ୍ତ ହୋଇଥିଲେ ।

## ପାର୍ବଣ କଟକଣାକୁ ଭାଜପା ମହିଳା ମୋର୍ଚ୍ଚାର ବିରୋଧ

କଟକ ଅଫିସ, ୮।୯

ରାଜ୍ୟ ସରକାରଙ୍କ ପାର୍ବଣ କଟକଣାକୁ ବିରୋଧ କରି କଟକ ନଗର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଚାନ୍ଦିନୀଚୌକସ୍ଥିତ ଦୁର୍ଗା ମଣ୍ଡପ ସମ୍ମୁଖରେ ବୁଧବାର ଧାରଣା ଦିଆଯାଇଥିଲା। ଏଥିସହ ଦୀପ ପ୍ରଜ୍ୱଳନ ସହ ଘଣ୍ଟ ବଜାଯାଇଥିଲା। ରାଜ୍ୟ ସରକାର ପୂଜା କଟକଣାକୁ ମୁକ୍ତ କରିବା ଲାଗି ଦଳର କର୍ମକର୍ତ୍ତାମାନେ ମା' ଦୁର୍ଗାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସରକାର ନିଷ୍ପତ୍ତିରେ ପରିବର୍ତ୍ତନ ନ କଲେ ଆସନ୍ତା ୧୩ ତାରିଖରେ କଟକ ନଗର ଭାଜପା ପକ୍ଷରୁ କଟକ ବନ୍ଦ ଡାକରାକୁ ପାଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା କଟକ ନଗର ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରବୀଣା ମହାପାତ୍ର ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଂଯୁକ୍ତା ମିଶ୍ର, ଅମ୍ବିକା ଦାସ, ମନୋରମା ଦାସ, ପ୍ରତିମା ସ୍ୱାଇଁ ଓ କଳ୍ପନା ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ବଳାତ୍କାର ଅଭିଯୋଗରେ ଅଭିଯୁକ୍ତ କୋର୍ଟ ଚାଲାଣ

ନିଶ୍ଚିନ୍ତକୋଇଲି,୮।୯(ସ୍ୱ.ପ୍ର.): ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନିଶ୍ଚିନ୍ତକୋଇଲି ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ତାଙ୍କ ନାମ ଅନୱର ଅଲ୍ଲୀ। ମଙ୍ଗଳବାର ରାତିରେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ଗାଧୁଆଘରେ ପଶି ଅଭିଯୁକ୍ତ ବଳାତ୍କାର କରିଥିଲେ। ଏ ନେଇ ମହିଳା ଜଣଙ୍କ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୧୬/୨୧) ରୁଜୁକରିଛି।

## ବ୍ଲକ କଂଗ୍ରେସ କମିଟିର କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷିତ

ଆଠଗଡ଼,୮।୯(ସ୍ୱ.ପ୍ର.)

ଆଠଗଡ଼ ବ୍ଲକ କଂଗ୍ରେସର ୨୩ ଜଣିଆ ନୂତନ କମିଟି ବୁଧବାର ଘୋଷଣା କରାଯାଇଛି। ଆଠଗଡ଼ ବ୍ଲକ କଂଗ୍ରେସ ସଭାପତି ସୁଦର୍ଶନ ସାହୁଙ୍କ ସୁପାରିସକ୍ରମେ କଟକ ଜିଲା ସଭାପତି ମାନସ ରଞ୍ଜନ ଚୌଧୁରୀ ଏକ ଘୋଷଣାନାମା ମାଧ୍ୟମରେ ୪ ଜଣ ଉପ-ସଭାପତି ଯଥା ଗଦାଧର ରାଉତ, ମିନିଷ୍ଟର ପ୍ରଧାନ, ଗିରିଶ ଚନ୍ଦ୍ର ସାମଲ, ମନମୋହିନୀ ଧଳ, କୋଷାଧ୍ୟକ୍ଷ ଭାବେ ଗଣେଶ୍ୱର ସ୍ୱାଇଁ, ସାଧାରଣ ସମ୍ପାଦକ ଭାବେ ୭ଜଣଙ୍କୁ ଯଥା ସୂର୍ଯ୍ୟକାନ୍ତ ବେହେରା, ସୁଶାନ୍ତ ମହାପାତ୍ର, ବିପିନ ବିହାରୀ ମହାପାତ୍ର, ସିଦ୍ଧାର୍ଥ ବେଉରା, ବିଭୂତି ଭୂଷଣ ଦାସ, ଧରଣୀଧର ବେହେରା, ବସନ୍ତ କୁମାର ସାହୁ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକ ଭାବେ ମାନସ ରଞ୍ଜନ ପ୍ରଧାନ, ଅର୍ଜୁନ ଖାଁ, ସୂର୍ଯ୍ୟବାସୀ ବେହେରା, ବିଶ୍ୱରଞ୍ଜନ ମଲ୍ଲିକ, ଅଶୋକ କୁମାର ମଲ୍ଲିକ, ଅମୂଲ୍ୟ କୁମାର ସାମନ୍ତରାୟ, ରତ୍ନାକର ମେଲଗାଗୀ, ଲକ୍ଷ୍ମୀପ୍ରିୟା ନାୟକ, ଶୁଭଦର୍ଶୀ ଜେନା, ତ୍ରିଲୋଚନ ବରାଳ, ଉମେଶ ସାହୁ ଆଦି ମନୋନୀତ ହୋଇଥିବା ସୂଚନା ଦେଇଛନ୍ତି।

## 'ପ୍ରଗତିଶୀଳ ରାଷ୍ଟ୍ର ଗଠନରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଆଇନ ସଚେତନତା କାର୍ଯ୍ୟକ୍ରମ**

କଟକ ଅଫିସ, ୮।୯




ଆଇନ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ପ୍ରଗତିଶୀଳ ସମୃଦ୍ଧ ରାଷ୍ଟ୍ର ଗଠନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ସମାଜରେ ମହିଳାମାନଙ୍କୁ ସୁରକ୍ଷା ଦେବା ଉଚିତ। ସେମାନଙ୍କ ବୃତ୍ତିଗତ ଦକ୍ଷତାର ବିକାଶ ଓ ପାରିବାରିକ ହିଂସାକୁ ପ୍ରତିହତ କରିବା ପାଇଁ ମହିଳା କମିଶନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ବୋଲି ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଡ. ମିନତୀ ବେହେରା କହିଛନ୍ତି। କଟକ ସହିଦ୍ ଭବନଠାରେ ଓଡିଶା ରାଜ୍ୟ ମହିଳା ଆୟୋଗ ପକ୍ଷରୁ ଆୟୋଜିତ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ସହଯୋଗରେ ବୁଧବାର ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଭାପତି ଜ୍ୟୋତିରେଖା ନାୟକ ଯୋଗଦେଇ କହିଥିଲେ, ରାଜ୍ୟ ସରକାରଙ୍କ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମକୁ ସୁଦୂର ପ୍ରସାରୀ କରିବା ନିମନ୍ତେ ଆଇନ ସଚେତନତା କାର୍ଯ୍ୟକ୍ରମ ଅଧିକ ପରିପୁଷ୍ଟ କରିବ। ଏଥିରେ ଅତିଥି ଭାବେ ସିଏମ୍‌ସି କମିଶନର ଅନନ୍ୟା ଦାସ, ଡିସିପି ପ୍ରତୀକ୍ ସିଂ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ରାଜ୍ୟ ମହିଳା କମିଶନ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି, ସ୍ୱର୍ଣ୍ଣଲତା ସାମଲ, ଆଇନଜୀବୀ ସୁଜାତା ଜେନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୋଭିଡ୍ ମହାମାରୀ ସମୟରେ ଉଲ୍ଲେଖନୀୟ ସେବା ପ୍ରଦାନ କରିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗର ଡା. ଅକ୍ଷୟ କୁମାର ଶତପଥୀ, ଆଶାକର୍ମୀ ନିର୍ବାସିନୀ ମହାରଣା, ସହକାରୀ ଆରକ୍ଷୀ ନିରୀକ୍ଷକ ବବିତା ସାହୁ, ଅଙ୍ଗନୱାଡି କର୍ମୀ ମାନସୀ ଦାସ, ଆଇନଜୀବୀ ସୁଷମାରାଣୀ ସାହୁ, ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ, ମହିଳା ସୁରକ୍ଷା ଅଧିକାରୀ ମଞ୍ଜୁଲତା ନାୟକ, ଏସ୍‌ଏଚ୍‌ଜିର ସୌମ୍ୟା ସୁଚରିତା ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀ ନିରୁପମା ବେହେରା ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର




ପାରମ୍ପରିକ ରୀତିନୀତିରେ ପୂଜା କରିବା ଦାବି ନେଇ ବିଭିନ୍ନ ପୂଜା କମିଟିର ମୁରବି ଓ ହିନ୍ଦୁସେନା ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।




ବିଭିନ୍ନ ଦାବି ନେଇ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବୁଧବାର ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।



ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଓ ଅନ୍ୟମାନେ ବୁଧବାର ଐତିହ୍ୟ ପଦଯାତ୍ରାରେ ପୁରୁଣା ଭୁବନେଶ୍ୱରସ୍ଥିତ ବ୍ରହ୍ମେଶ୍ୱର ମନ୍ଦିର ପରିଦର୍ଶନ କରୁଛନ୍ତି ।

## ମାସ୍କ ଚେକିଂ ବେଳେ ସ୍କୁଟି ଚାଳକ ପୋଲିସ ହାତାହାତି

କେନ୍ଦ୍ରାପଡ଼ା ଅଫିସ, ୮।୯: କେନ୍ଦ୍ରାପଡ଼ା ସହର ତିନିମୁହାଣୀଠାରେ ବୁଧବାର ସନ୍ଧ୍ୟାରେ ମାସ୍କ ଚେକିଂକୁ ନେଇ ଜଣେ ସ୍କୁଟି ଚାଳକ ଓ ପୋଲିସଙ୍କ ମଧ୍ୟରେ ହାତାହାତି ହୋଇଛି। ଉପସ୍ଥିତ ଲୋକଙ୍କ ସୂଚନା ଅନୁଯାୟୀ, ସମ୍ପୃକ୍ତ ସ୍କୁଟି ଚାଳକ ମାସ୍କ ମୁହଁରେ ନ ଲଗାଇ ତିନିମୁହାଣୀ ଛକ ଦେଇ ଯାଉଥିଲେ। ପୋଲିସ ତାଙ୍କୁ ଅଟକାଇ ୫୦୦ ଟଙ୍କା ଜରିମାନା ଆଦାୟ କରିଥିଲା। ଏହାକୁ ନେଇ ସ୍କୁଟି ଚାଳକ ସହ ପୋଲିସର ଯୁକ୍ତତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପୋଲିସ ସ୍କୁଟି ଚାବି ନେଇ ଯାଇଥିଲା। ଫଳରେ ଦୁଇପକ୍ଷ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜିପ୍‌ରେ ଟାଉନ ଥାନାକୁ ନେଇ ଅଟକ ରଖିଛି।

**ସଂକ୍ଷେପରେ**

## ନିମ୍ନମାନର ଖାଦ୍ୟ: ହୋଟେଲ ସିଲ୍, ୧୫ ହଜାର ଜରିମାନା

କଟକ ଅଫିସ, ୮।୯– ନିମ୍ନମାନର ଖାଦ୍ୟ ଯୋଗାଣ ଅଭିଯୋଗରେ କଲେଜଛକସ୍ଥିତ ଅମ୍ବର ହୋଟେଲରେ ବୁଧବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଉକ୍ତ ହୋଟେଲର ଫୁଡ୍ ଲାଇସେନ୍ସ ନ ଥିବାରୁ ୧୫ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ସେଠାରେ ଥିବା ପ୍ରାୟ ୫୦ କିଲୋ ନିମ୍ନମାନର ଖାଦ୍ୟ ନଷ୍ଟ କରାଯାଇଛି। ଏ ସମ୍ପର୍କରେ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଉକ୍ତ ହୋଟଲ ନାମରେ ମଙ୍ଗଳବାର ଅଭିଯୋଗ ଆସିଥିଲା। ଫଳରେ ବୁଧବାର ଚଢ଼ାଉ କରାଯାଇ ସିଲ୍ କରାଯାଇଛି।

## ଅନ୍ୟକୁ ଜ୍ଞାନ ବାଣ୍ଟିଲେ ଜୀବନରେ ସାର୍ଥକତା ଆସିବ

ଭୁବନେଶ୍ୱର, ୮।୯(ବ୍ୟୁରୋ) - ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ୧୩୫ତମ ଜନ୍ମ ଉତ୍ସବ ବୁଧବାର ଶିବାନନ୍ଦ ଶତବାର୍ଷିକ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଟଙ୍କା ନୁହେଁ, ସେବାରେ ହିଁ ଆଶୀର୍ବାଦ ମିଳେ। ଯେଉଁମାନଙ୍କଠାରେ ଦୟା, ଧର୍ମ, ସେବା ଓ ସ୍ନେହ ନାହିଁ, ସେମାନଙ୍କ ଜୀବନ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ। ନିଜେ ଜ୍ଞାନୀ ହେଲେ ଚଳିବ ନାହିଁ, ଅନ୍ୟକୁ ଜ୍ଞାନ ବାଣ୍ଟିଲେ ହିଁ ଜୀବନରେ ସାର୍ଥକତା ଆସିବ। ସ୍ୱାମୀ ଶିବାନନ୍ଦ ସରସ୍ୱତୀଙ୍କ ମାର୍ଗକୁ ଯଦି ଆମେ କିଞ୍ଚିତ ବି ଆମ ଜୀବନରେ ଉପଯୋଗ କରିପାରିବା ତେବେ ସଫଳ ବ୍ୟକ୍ତିତ୍ୱ ହୋଇପାରିବା। ଛାତ୍ରମାନଙ୍କୁ ଜ୍ଞାନ ବଢ଼ାଇବା ସହ ଜ୍ଞାନ ବିତରଣ କରିବା ପାଇଁ କମିଶନର ଜେନା ପରାମର୍ଶ ଦେଇଥିଲେ। ପୂର୍ବତନ ସୂଚନା କମିଶନର ଜଗଦାନନ୍ଦ, ବିଦ୍ୟାଳୟ ସଭାପତି ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ, ଉପସଭାପତି ଚୌଧୁରୀ ଗୌରହରି ମିଶ୍ର, ସମ୍ପାଦକ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ, ଯୁଗ୍ମ ସମ୍ପାଦକ ଜଗଦାନନ୍ଦ ସରସ୍ୱତୀ ମହାରାଜ, ପରିଚାଳକ ସତ୍ୟେନ୍ଦ୍ର ନାରାୟଣ ତ୍ରିପାଠୀ ଏବଂ ପରିଚାଳନା କମିଟି ସଦସ୍ୟ ରାଜୀବ ଲୋଚନ ସାହୁ ପ୍ରମୁଖ ସ୍ୱାମୀ ଶିବାନନ୍ଦଙ୍କ ମହତ୍ତ୍ୱ ବାଣୀ ଓ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ବାବଦରେ ଆଲୋକପାତ କରିବା ସହ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ପିଲାବେଳୁ ଭଗବତ ପ୍ରେମରେ ମଗ୍ନ ରହୁଥିବାବେଳେ ଗରିବ ଓ ଅଭାବୀ ଲୋକଙ୍କ ପ୍ରତି ସଦୟ କାରୁଣିକ ଥିଲେ। ମେଡିକାଲ କଲେଜରୁ ଉତ୍ତୀର୍ଣ୍ଣ ହେବା ପରେ ରୋଗୀ ସେବା ପାଇଁ ମାଳୟ ଯାଇଥିଲେ ମଧ୍ୟ ଶେଷରେ ଋଷିକେଶରେ ଆଶ୍ରମ ପ୍ରତିଷ୍ଠା କରି ସମାଜ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ। ତେଣୁ ସ୍ୱାମୀଜୀଙ୍କ ସେବା ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ୨୫ଜଣ ଗରିବ ଓ ମେଧାବୀ ଛାତ୍ରଙ୍କୁ ମାଗଣାରେ ଏକାଦଶ ଶ୍ରେଣୀ ବାଣିଜ୍ୟରେ ପଢ଼ିବା ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ବିଦ୍ୟାଳୟର ସମ୍ପାଦକ ଘୋଷଣା କରିଥିଲେ।

# ବର୍ଷକୁ ହେବ ୬ ପରୀକ୍ଷା

**ମାଟ୍ରିକ୍ ପରୀକ୍ଷା ନୂତନ ବ୍ୟବସ୍ଥାକୁ ନେଇ କର୍ମଶାଳା**

■ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ପାଇଁ ଡିଇଓଙ୍କୁ ନିର୍ଦ୍ଦେଶ

କଟକ ଅଫିସ,୮।୯

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ମାଟ୍ରିକ୍ ପରୀକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଇଛି। ଚଳିତବର୍ଷ ମାଟ୍ରିକ ଛାତ୍ରୀଛାତ୍ର ମୋଟ୍ ୬ଟି ପରୀକ୍ଷା ଦେବେ। ସେଥିମଧ୍ୟରେ ୪ଟି ଫର୍ମାଟିଭ୍ ଆସେସ୍‌ମେଣ୍ଟ(ଏଫ୍‌ଏ) ଓ ୨ଟି ସମ୍ମିଟିଭ୍ ଆସେସ୍‌ମେଣ୍ଟ(ଏସ୍‌ଏ) ରହିଛି। ଏହି ପରୀକ୍ଷାର ସମୁଦାୟ ମୂଲ୍ୟକୁ ମିଶାଇ ଛାତ୍ରୀଛାତ୍ରଙ୍କ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ। ଏହି ପରିବର୍ତ୍ତିତ ବ୍ୟବସ୍ଥା ପାଇଁ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ତାଲିମ ଦେବା ଲାଗି ବୋର୍ଡପକ୍ଷରୁ ଗତ ୬ ତାରିଖରୁ ଆୟୋଜିତ ୩ଦିନିଆ କର୍ମଶାଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୦ ଜିଲାରୁ ମୋଟ୍ ୯୬ ଜଣ ଶିକ୍ଷୟିତ୍ରୀଶିକ୍ଷକ ଓ ୧୦ଜଣ ବିଷୟ ବିଶେଷଜ୍ଞ ଯୋଗଦେଇଥିଲେ। କର୍ମଶାଳାର ଉଦ୍‌ଯାପନୀ ଦିବସରେ ଜିଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ କରିବାକୁ ଡିଇଓମାନଙ୍କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାର୍ ଯୋଗଦେଇ ଫର୍ମାଟିଭ୍-୨ ବିଷୟରେ ଆଲୋଚନା କରିଥିଲେ । ପ୍ରଥମ ଦିନରେ ଫର୍ମାଟିଭ୍-୩, ଦ୍ୱିତୀୟ ଦିନରେ ଫର୍ମାଟିଭ୍-୧ ଓ ୪ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା। ବୋର୍ଡ ଉପସଭାପତି ଡ. ନିହାର ରଞ୍ଜନ ମହାନ୍ତି କର୍ମଶାଳା ପରିଚାଳନା କରିଥିବାବେଳେ ସଭାପତି ରମାଶିଷ ହାଜରା, ସମ୍ପାଦକ ଶ୍ରୀକାନ୍ତ ତରାଇ, ବୋର୍ଡ ପରୀକ୍ଷା ନିୟନ୍ତ୍ରକ ସୁସ୍ମିତା ସାହୁଙ୍କ ସମେତ ବୋର୍ଡର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଚଳିତବର୍ଷ ମାଟ୍ରିକ ଛାତ୍ରୀଛାତ୍ର ୪ଟି ଏଫ୍‌ଏ ପରୀକ୍ଷା ହେବ। ପ୍ରତି ଫର୍ମାଟିଭ ଆସେସ୍‌ମେଣ୍ଟ ୨୦ ନମ୍ବର ବିଶିଷ୍ଟ ହେବ ଓ ଏହାକୁ ବିଦ୍ୟାଳୟ ବିଷୟ ଶିକ୍ଷକ ପରିଚାଳନା କରିବେ। ପ୍ରଥମ ଫର୍ମାଟିଭ ଆସେସ୍‌ମେଣ୍ଟ(ଏଫ୍‌ଏ-୧) ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହ, ଏଫ୍-୨ ନଭେମ୍ବର ପ୍ରଥମ ସପ୍ତାହ, ଏଫ-୩ ଜାନୁୟାରୀ ୨ୟ ସପ୍ତାହ ଓ ଏଫ୍-୪ ମାର୍ଚ୍ଚ ୨ୟ ସପ୍ତାହରେ କରାଯିବ ବୋଲି ବୋର୍ଡ ପକ୍ଷରୁ ସମୟ ଧାର୍ଯ୍ୟ କରାଯାଇଛି। ଏହାର ମୂଲ୍ୟାୟନ ସମ୍ପୃକ୍ତ ବିଦ୍ୟାଳୟ ଶିକ୍ଷକ ଦ୍ୱାରା କରାଯିବ। ସେହିପରି ଦୁଇଟି ଏସ୍‌ଏ ପରୀକ୍ଷା ବୋର୍ଡ ପକ୍ଷରୁ ପରିଚାଳନା କରାଯିବ। ନଭେମ୍ବର ଶେଷ ସପ୍ତାହରେ ୩୦ ମାର୍କର ପ୍ରଥମ ଏସ୍‌ଏ ପରୀକ୍ଷା ହେବ। ସେହିପରି ଏପ୍ରିଲ ଦ୍ୱିତୀୟ ସପ୍ତାହରେ ୫୦ ମାର୍କର ଦ୍ୱିତୀୟ ଏସ୍‌ଏ ପରୀକ୍ଷା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ତେବେ ଏହି ୨ଟି ପରୀକ୍ଷା ପ୍ରଶ୍ନପତ୍ର ବୋର୍ଡ କର୍ତ୍ତୃପକ୍ଷ ପ୍ରସ୍ତୁତ କରିବେ। ଏ ସମସ୍ତ ବିଷୟ କର୍ମଶାଳାରେ ବିସ୍ତୃତ ଆଲୋଚନା କରାଯିବା ସହ ଏଥିରେ ଯୋଗଦେଇଥିବା ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଏହାପରେ ସେମାନେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।



ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ରେ ଆଉଟ୍‌ସୋର୍ସିଂ ନିଯୁକ୍ତି ବନ୍ଦ ଦାବିରେ ଓୟୁଏଟି ୱାର୍କର୍ସ ୟୁନିଅନ ଓ ସିଟୁ ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସଂରକ୍ଷଣ ସୀମା ରହିବ ୫୦ ପ୍ରତିଶତ

ଭୁବନେଶ୍ୱର,୮।୯(ବ୍ୟୁରୋ)

**ଗୃହୀତ ହେଲା ପଞ୍ଚାୟତ ଆଇନ ସଂଶୋଧନ ବିଲ୍-୨୦୨୧**



ବିଧାନସଭାରେ ବୁଧବାର ହଟ୍ଟଗୋଳ ମଧ୍ୟରେ ଓଡ଼ିଶା ପଞ୍ଚାୟତ ବିଧି (ସଂଶୋଧନ) ବିଲ୍-୨୦୨୧ ଗୃହୀତ ହୋଇଛି। ସଂଶୋଧନ ଅନୁସାରେ ମୋଟ୍ ସଂରକ୍ଷଣ ୫୦ ପ୍ରତିଶତ ମଧ୍ୟରେ ରହିବ। ଏସ୍‌ସି, ଏସ୍‌ଟି ଓ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ୫୦ ପ୍ରତିଶତ ମଧ୍ୟରେ ରହିବା ନେଇ ସୂଚନା ମିଳିଛି। ସେହିପରି ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ମଧ୍ୟରେ ସଂରକ୍ଷଣ ବ୍ୟବସ୍ଥା ରହିବ। ଏସ୍‌ସି,ଏସ୍‌ଟିଙ୍କ ପାଇଁ ସଂରକ୍ଷଣ ପରେ ଅବଶିଷ୍ଟ ପଛୁଆବର୍ଗଙ୍କ ପାଇଁ ରହିବ। ଏହି ବିଲ୍ ବିଧାନସଭାରେ ଗୃହୀତ ହେଲା ପରେ ପଞ୍ଚାୟତ ନିର୍ବାଚନ ପାଇଁ ବାଟ ଫିଟିଛି। ସଂଶୋଧିତ ଆଇନ ଅନୁସାରେ ପ୍ରଥମେ ଏସ୍‌ସି, ଏସ୍‌ଟିଙ୍କୁ ସଂରକ୍ଷଣ ଦିଆଯିବ। ଏସ୍‌ସି, ଏସ୍‌ଟିଙ୍କୁ ଆବଶ୍ୟକ ଆସନ ସଂରକ୍ଷଣ ଦେବା ପରେ ପଛୁଆବର୍ଗଙ୍କୁ ଦିଆଯିବ। ଆସନର ଅବଶିଷ୍ଟ ଅଂଶଗୁଡ଼ିକୁ ପଛୁଆବର୍ଗଙ୍କ ପାଇଁ ସଂରକ୍ଷଣ ରଖାଯିବ। ଏଥିସହିତ ବିନା ଆଲୋଚନାରେ ଆଉ ୩ଟି ବିଲ୍ ବିଧାନସଭାରେ ଗୃହୀତ ହୋଇଛି। ସେହି ବିଲ୍‌ଗୁଡ଼ିକ ହେଲା ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ବିଲ୍-୨୦୨୧, ଭାରତୀୟ ଷ୍ଟାମ୍ପ (ଓଡ଼ିଶା ସଂଶୋଧନ)-୨୦୧୪ ଏବଂ ଓଡ଼ିଶା ହାଉସିଂବୋର୍ଡ ଅଧିନିୟମ ୧୯୬୮ର ସଂଶୋଧନ ।

## ଖଣି ନିଲାମ ପ୍ରକ୍ରିୟାରେ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା: ମନ୍ତ୍ରୀ

ଭୁବନେଶ୍ୱର, ୮।୯(ବ୍ୟୁରୋ)

ନୂଆଦିଲ୍ଲୀସ୍ଥିତ ଫିକି ଫେଡେରେଶନ୍ ହାଉସ୍ ପରିସରରେ ୧୦୦ଟି ଜି-୪ ଖଣିଜ ଉତ୍ତୋଳନ ବ୍ଲକ୍ ହସ୍ତାନ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଭର୍ଚୁଆଲ ମୋଡ୍‌ରେ ଯୋଗଦେଇ କହିଲେ, ଖଣି ନିଲାମ ପ୍ରକ୍ରିୟାରେ ଓଡ଼ିଶା ଉଦାହରଣ ସୃଷ୍ଟି କରିଛି। କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍‌କୁ ସମ୍ମାନ ଜଣାଇ ସମସ୍ତ ଖଣି କାର୍ଯ୍ୟକ୍ରମ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

ମନ୍ତ୍ରୀ ମଲ୍ଲିକ କହିଲେ, ରାଜ୍ୟ ସରକାର ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଆଇନ-୨୦୧୫ ଅନୁଯାୟୀ ୨୦୧୫-୧୬ ଆର୍ଥିକବର୍ଷରେ ଘୋରବାରୁଣି ସଗସାହି ଲୁହାପଥର ଖଣି ନିଲାମ କରିଥିଲେ, ଯାହା ଦେଶରେ ପ୍ରଥମ। ମାର୍ଚ୍ଚ ୨୦୨୦ରେ ମାଇନିଂ ଲିଜ୍ ଅବଧି ଶେଷ ହେଉଥିବା ୨୪ ମିନେରାଲ ବ୍ଲକ୍‌କୁ ମିଶାଇ ମୋଟ ୩୧ ମିନେରାଲ ବ୍ଲକ୍‌ର ନିଲାମ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ଅବଧି ଶେଷ ହୋଇଥିବା ୨୪ ଖଣି ମଧ୍ୟରୁ ୧୯ଟିକୁ ଅନୁମୋଦନ ଦିଆଯାଇଛି। ନିଲାମଧାରୀଙ୍କ ଦ୍ୱାରା ଖଣିଜ ନିୟମ-୨୦୧୫ର ଅନୁପାଳନ ହୋଇ ନ ଥିବା କାରଣରୁ ୫ ଖଣି ଏହି ପ୍ରକ୍ରିୟାରୁ ବାଦ୍ ପଡ଼ିଥିଲା। ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରି ୨ ଖଣିକୁ ଓଡ଼ିଶା ଖଣି ନିଗମ ଦ୍ୱାରା କାର୍ଯ୍ୟକ୍ଷମ କରିବା ଲାଗି କେନ୍ଦ୍ର ସରକାର ଅନୁମୋଦନ ଦେଇଥିବାରୁ ସେ କେନ୍ଦ୍ର ଖଣିମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅବଧି ଶେଷ ହୋଇଥିବା ଅନ୍ୟ ୩ ମାଇନିଂ ବ୍ଲକ୍ ନିଲାମ ବିଜ୍ଞପ୍ତି ପ୍ରକାଶ ପାଇସାରିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଠିକ୍ ସମୟରେ ନିଲାମ ପ୍ରକ୍ରିୟା କରାଯାଇଥିବାରୁ ଦେଶର ପ୍ରମୁଖ ଲୁହାପଥର ଶିଳ୍ପକୁ ଲୁହାପଥର ଯୋଗାଇବା ସମ୍ଭବପର ହୋଇପାରିଥିଲା। ଆଗାମୀ ୨ ମାସ ମଧ୍ୟରେ ରାଜ୍ୟରେ ଆଉ ୫ ନୂଆ ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ ହେବ। ଭୂତାତ୍ତ୍ୱିକ ଖନନକୁ ସହଜ କରିବା ଲାଗି ଓଡ଼ିଶା ମିନେରାଲ ଏକ୍ସପ୍ଲୋରେଶନ୍ କର୍ପୋରେଶନ୍ ପ୍ରତିଷ୍ଠା କରାଯାଇଛି। ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ୧୦୦ଟି ଜି-୪ ବ୍ଲକ୍ ମଧ୍ୟରେ ଓଡ଼ିଶାର ୭ଟି ସ୍ଥାନ ପାଇବା ଭଲ ସଙ୍କେତ। ଭବିଷ୍ୟତରେ ଜି-୩ ଏବଂ ଜି-୪ ବ୍ଲକ୍‌ର ନିଲାମ କ୍ଷେତ୍ରରେ ଅନୁରୂପ ଆଶା କରୁଥିବା ମନ୍ତ୍ରୀ ମଲ୍ଲିକ କହିଛନ୍ତି।

# ୨୦ କୋଟି ଠକି ଦମ୍ପତି ଗିରଫ

ଅନୁଗୋଳ ଅଫିସ, ୮।୯


ଟାଟା କମ୍ପାନୀ ନାମରେ ତିଆରି ନକଲି ଆଇକାର୍ଡ, ସିଲ୍, ଏନ୍‌ଭଲଭ ସହ ଅନ୍ୟ ସାମଗ୍ରୀ।

ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୧୩ଶହ ନିଯୁକ୍ତି ଆଶାୟୀଙ୍କୁ ଚାକିରି କରାଇଦେବାକୁ କହି ସେମାନଙ୍କଠାରୁ ପ୍ରାୟ ୨୦ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗରେ କୋଲକାତାର ଏକ ଦମ୍ପତି ଚୈତାଳୀ ମୁଖାର୍ଜୀ ଓ ମ୍ରିଗାଙ୍ଗ ଗୁପ୍ତାଙ୍କୁ ବୁଧବାର ଅନୁଗୋଳ ପୋଲିସ ଗିରଫ କରିଛି। ଟାଟା କମ୍ପାନୀର ନକଲି ଏଚ୍‌ଆର ଓ ଏଜିଏମ୍ ସାଜି ଏହି ଦମ୍ପତି ଦୀର୍ଘ ୪ ବର୍ଷ ମଧ୍ୟରେ ଏପରି ବିପୁଳ ପରିମାଣର ଟଙ୍କା ଠକେଇ କରିଥିବା ଅନୁଗୋଳ ପୋଲିସ ସୂଚନା ଦେଇଛି। ସମ୍ପୃକ୍ତ ଦମ୍ପତିଙ୍କ ନାମରେ ଅନୁଗୋଳ ଜିଲାରେ ମୋଟ୍ ୬ଟି ମାମଲା ଥିବାବେଳେ ପୂର୍ବରୁ ଏମାନଙ୍କ ୭ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଥିଲା। ତେବେ ମାଷ୍ଟରମାଇଣ୍ଡ ଏହି ଦମ୍ପତି କୋଲକାତାର ଦୁର୍ଗାପୁରରେ ଆତ୍ମଗୋପନ କରିଥିବା ଖବର ମିଳିବା ପରେ ଅନୁଗୋଳ ଏସ୍‌ପି ଜଗମୋହନ ମୀନା ଗଠନ କରିଥିବା ସ୍ୱତନ୍ତ୍ର ସ୍କ୍ୱାଡ୍ ଉଭୟଙ୍କୁ ଗିରଫ କରି ଅନୁଗୋଳ ଆଣିଥିବା ସୂଚନା ମିଳିଛି।

ଅନୁଗୋଳ ପୋଲିସ ମୁଖ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ତାଳଚେର କୋଲିୟରୀ ଥାନାରେ ଗତ ଫେବୃୟାରୀ ମାସରେ ଏକ ଠକେଇ ଅଭିଯୋଗ ହୋଇଥିଲା। ଟାଟା କମ୍ପାନୀରେ ଚାକିରି କରାଇ ଦେବାକୁ କହି ଲକ୍ଷାଧିକ ଟଙ୍କା ଠକି ନିଆଯାଇଥିବା ନେଇ ଜଣେ ନିଯୁକ୍ତି ଆଶାୟୀ ଅଭିଯୋଗ କରିବା ପରେ ପୋଲିସ ନଂ. ୬୨/୨୧ରେ ମାମଲା ରୁଜୁ କରିଥିଲା। ଏହାପରେ ଜିଲାର ବିଭିନ୍ନ ଥାନାରେ ୫ଟି ମାମଲା ରୁଜୁ ହୋଇଥିଲା। ଏ ସମସ୍ତ ଘଟଣାରେ ୭ ଜଣଙ୍କୁ ଗିରଫ କରାଯାଇଥିଲା। ତେବେ ଅଧିକ ତଦନ୍ତ ବେଳେ ଏସବୁ ଠକେଇ ଘଟଣାର ମାଷ୍ଟର ମାଇଣ୍ଡ କୋଲକାତାର ଦମ୍ପତି ତଥା ଦୁର୍ଗାପୁରର ଚୈତାଳୀ ଓ ମ୍ରିଗାଙ୍ଗ ବୋଲି ଜଣାପଡ଼ିଥିଲା। ଏହି ଦମ୍ପତି ଉଚ୍ଚଶିକ୍ଷିତ ଛାତ୍ରୀଛାତ୍ରଙ୍କୁ ଟାର୍ଗେଟ କରୁଥିଲେ। ଚୈତାଳୀ ଟାଟା କମ୍ପାନୀର ନକଲି ଏଚ୍‌ଆର ଓ ମ୍ରିଗାଙ୍ଗ ଏଜିଏମ୍ ସାଜି ଯୁବତୀ ଯୁବକଙ୍କୁ ଚାକିରି ଦେବା ବାହାନାରେ ଲକ୍ଷ ଲକ୍ଷ ଟଙ୍କା ନେଇ ନେଚର ଟେକ୍ନିକାଲ ଟ୍ରେନିଂ ଫାଉଣ୍ଡେଶନ ନାମରେ କୋଚିଂ ସେଣ୍ଟର ଖୋଲି ଟ୍ରେନିଂ ଦେଉଥିଲେ। ଏହାପରେ ସେମାନଙ୍କୁ ଟାଟା କମ୍ପାନୀରେ ଇଣ୍ଟର୍ନଶିପ୍‌ରେ ରଖିଥିବା ନେଇ ନକଲି ଆଇକାର୍ଡ ପ୍ରଦାନ କରୁଥିଲେ। କିଛିଦିନ ପରେ ପରଫରମାନ୍ସ ବେସ୍‌ରେ ଛଟେଇ କରୁଥିଲେ। ୨୦୧୭ରୁ ଏଯାଏ ଓଡ଼ିଶାର ୫୫୦ ଜଣଙ୍କୁ ମିଶାଇ ବିଭିନ୍ନ ରାଜ୍ୟର ମୋଟ୍ ୧୩ଶହ ଛାତ୍ରୀଛାତ୍ରଙ୍କୁ ଦମ୍ପତି ଠକେଇ କରିଛନ୍ତି। ବହୁ ରାଜ୍ୟରେ ଏହି ଠକ ଦମ୍ପତିଙ୍କ ନାମରେ ମାମଲା ରହିଛି। ଅନୁଗୋଳ ପୋଲିସ ପକ୍ଷରୁ ଏହି ଦମ୍ପତିଙ୍କୁ ଧରିବାକୁ ତାଳଚେର ଏସ୍‌ଡିପିଓ ନୀତିଶ ୱାଦୱାନୀଙ୍କ ସହ କୋଲିୟରୀ ଥାନା ଅଧିକାରୀ ସବ୍ୟସଚି ରାଉତ, ତାଳଚେର ଥାନା ଅଧିକାରୀ ସତ୍ୟବ୍ରତ ରାଉତ, ଅନୁଗୋଳ ଥାନା ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି, ଏସ୍‌ଆଇ ଅବଦୁଲ ୱାସିମ୍ ଖାନ୍, ତାଳଚେର ଥାନା ଏସ୍‌ଆଇ ବିପ୍ଳବ ସାହୁ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ୱାଦୱାନୀ ଏହାର ନେତୃତ୍ୱ ନେଇଥିବାବେଳେ ଏସ୍‌ପି ମୀନା ଟିମ୍‌କୁ ଗାଇଡ୍ କରିଥିଲେ। ମଙ୍ଗଳବାର ଉକ୍ତ ଟିମ୍ କୋଲକାତା ଯାଇ ଦମ୍ପତିଙ୍କୁ ଗିରଫ କରି ବୁଧବାର ଅନୁଗୋଳରେ ପହଞ୍ଚିଥିଲା। ଉଭୟଙ୍କ ନିକଟରୁ ୧୮ଟି କ୍ରେଡିଟ୍ ଓ ଶପିଂ କାର୍ଡ, ୩ଲକ୍ଷ ୯୭ ହଜାର ଟଙ୍କା, ୭ଟି ମୋବାଇଲ, ଦୁଇଟି ଲାପଟପ୍, କମ୍ପ୍ୟୁଟର ହାର୍ଡ ଡିକ୍ସ, ଟାଟା କମ୍ପାନୀ ନାମରେ ପ୍ରସ୍ତୁତ ନକଲି ଷ୍ଟାମ୍ପ ସହ ସିଲ୍, ଚାକିରି ଆବେଦନପତ୍ର, ସ୍କ୍ରିନିଂ ଫର୍ମ, ଏନ୍‌ଭଲଭ୍, ନକଲି ପରିଚୟପତ୍ର, କାର (ନଂ. ଓଡି୧୪ଆର-୭୭୭୪) ଜବତ କରାଯାଇଛି। ଅନ୍ୟପକ୍ଷରେ କୋର୍ଟ ଚାଲାଣ କରାଯାଇଥିବା ଠକ ଦମ୍ପତିଙ୍କୁ ୨ ଦିନିଆ ରିମାଣ୍ଡରେ ଆଣିବାକୁ ପୋଲିସ ଏସ୍‌ଡିଜେମ୍ କୋର୍ଟରେ ଆବେଦନ କରିଛି।

## ‘ରବି ଫସଲ କରୁଥିବା ଚାଷୀଙ୍କୁ ବଡ଼ ଉପହାର’

ଭୁବନେଶ୍ୱର, ୮।୯(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ରବି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ଏବଂ ବୟନ ଶିଳ୍ପ ପାଇଁ ୧୦ ହଜାର ୬୮୩ କୋଟି ଟଙ୍କାର ଉତ୍ପାଦନ ସଂଯୋଗୀ ପ୍ରୋତ୍ସାହନ (ପିଏଲ୍‌ଆଇ) ଯୋଜନାକୁ ମଞ୍ଜୁର କରାଯାଇଛି। ଏଥିଲାଗି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଟୁଇଟ୍ କରି ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଚାଷୀ କଲ୍ୟାଣକୁ ପ୍ରାଥମିକତା ଦେଇ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ ୨୦୨୨-୨୩ ରବି ଫସଲ ପାଇଁ ସମସ୍ତ ସାମଗ୍ରୀ ଉପରେ ଏମ୍‌ଏସ୍‌ପି ବୃଦ୍ଧିକୁ ମଞ୍ଜୁର କରିଛନ୍ତି। ଗହମ, ସୋରିଷ, ଚଣା, ଡ଼ାଲି, କୁସୁମ, ଯଅ ଚାଷ କରୁଥିବା ଚାଷୀଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ଏହା ବଡ଼ ଉପହାର। ‘ଭାରତୀୟ ବୟନ ଶିଳ୍ପ’ର ବିକାଶ ଲାଗି ୧୦ ହଜାର ୬୮୩ କୋଟି ଟଙ୍କାର ପିଏଲ୍‌ଆଇ ଯୋଜନାକୁ ମଞ୍ଜୁର କରିବା ନିଷ୍ପତ୍ତି ଆତ୍ମନିର୍ଭର ଭାରତ ସ୍ୱପ୍ନକୁ ସାକାର କରିବ। ଏହାଦ୍ୱାରା ଓଡ଼ିଶା, ଗୁଜରାଟ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ପଞ୍ଜାବ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ରାଜ୍ୟର ଲକ୍ଷାଧିକ ବୁଣାକାର ପରିବାର ଉପକୃତ ହେବେ। ଭାରତୀୟ ବସ୍ତ୍ରକୁ ବିଶ୍ୱସ୍ତରରେ ଖ୍ୟାତି ମିଳିବ। ରପ୍ତାନି ବୃଦ୍ଧି ପାଇବା ସହ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଧର୍ମେନ୍ଦ୍ର କରିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୋରାଣି କଂସା**
**ଆମକୁ ଦେଖିଲେ ମୁରୁକି ହସା।**

ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ଜୀବନ ହାହୁତାଶମୟ। କେବେ ଖାଇବାକୁ ମୁଠେ ଦାନା ନ ଥାଏ ତ କେବେ ପିନ୍ଧିବାକୁ ଖଣ୍ଡେ କନା ମିଳି ନ ଥାଏ। ଗରିବ ତଥା ଅଭାବ ଶ୍ରେଣୀର ବ୍ୟକ୍ତି ଢୋକେ ପିଇ ଦଣ୍ଡେ ଜିଇ ଜୀବନ ଅତିବାହିତ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ତୋଡ଼ି ମାଛ ଥାଇ ବୋଇଲା**
**ମୋ ମୁହଁଟି ବଳିତା**
**ମୋର ମଜା ମାରି ନେଉଥାଏ**
**ବାଡ଼ି ଆଡ଼େ ଯେଉଁ ନଳିତା।**

ତୋଡ଼ି ମାଛର ମୁହଁ ସରୁ। ବାଡ଼ି ନଳିତା କିଆରିରେ ଥିବା ଅଳ୍ପ ପାଣିରେ ତୋଡ଼ି ମାଛ ସରୁ ମୁହଁ କାଢି ଖେଳିବାର କୌତୂହଳୀ ଅବସ୍ଥା ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

## ମାଲ୍ଲା ବିଜୟଙ୍କୁ ରିମାଣ୍ଡରେ ଆଣିବ କ୍ରାଇମ୍‌ବ୍ରାଞ୍ଚ

**ୱେଲ୍‌ଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲା**

କଟକ ଅଫିସ,୮।୯

ୱେଲ୍‌ଫେୟାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗିରଫ ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କ ଗୁମର ଧୀରେ ଧୀରେ ଖୋଲିବାରେ ଲାଗିଛି। ୨୦୦୯ରୁ ୨୦୧୪ ପର୍ଯ୍ୟନ୍ତ ମାଲ୍ଲା ବିଜୟଙ୍କ ସଂସ୍ଥା ଭୁବନେଶ୍ୱର, କଟକ ଏବଂ ନୟାଗଡ଼ ଜିଲାରେ ଶାଖା ଖୋଲି ଠକେଇ କରୁଥିଲେ। ସମ୍ବଲପୁରରେ ମଧ୍ୟ ଏହି ଚିଟ୍‌ଫଣ୍ଡ କମ୍ପାନୀ ଲୋକଙ୍କୁ ଠକିଥିବା ଅଭିଯୋଗ ହୋଇଛି। ଖୁବଶୀଘ୍ର ମାଲ୍ଲା ବିଜୟଙ୍କୁ କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ଆଣିବ। ଏହି କମ୍ପାନୀ ବିରୋଧରେ ଯେଉଁ ବ୍ୟକ୍ତିଙ୍କ ଅଭିଯୋଗ ରହିଛି, ସେମାନେ ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)କୁ ଫୋନ ମାଧ୍ୟମରେ ଅଭିଯୋଗ କରିପାରିବେ ବୋଲି ବୁଧବାର କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପଣ୍ଡା କହିଛନ୍ତି ଯେ, ୱେଲଫେୟାର ବିଲ୍ଡିଂ ଆଣ୍ଡ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ତଥା ଆନ୍ଧ୍ରର ପୂର୍ବତନ ବିଧାୟକ ହେଉଛନ୍ତି ମାଲ୍ଲା ବିଜୟ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗରେ ଜମି ଯୋଗାଇଦେବାର ମୋହ ଦେଖାଇ ମାଲାଙ୍କ ସଂସ୍ଥା ଲୋକଙ୍କ ଠାରୁ ଟଙ୍କା ଆଦାୟ କରୁଥିଲା। ଏପର୍ଯ୍ୟନ୍ତ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ନିକଟରେ ୧୫୦ ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କଲେ ଅଧିକ ତଥ୍ୟ ଜଣାପଡ଼ିବ। ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟରେ ମଧ୍ୟ ମାଲ୍ଲା ବିଜୟଙ୍କ ନାଁରେ ମାମଲା ରହିଛି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମଧ୍ୟ ଝାଡ଼ଖଣ୍ଡରେ ହୋଇଥିବା ଠକେଇ ମାମଲାର ଯାଞ୍ଚ କରୁଛି। କେନ୍ଦ୍ରୀୟ ସଂସ୍ଥା ସହ କ୍ରାଇମ୍‌ବ୍ରାଞ୍ଚ ଯୋଗାଯୋଗ କରି ତଦନ୍ତ କରିବ ବୋଲି ଏଡିଜି ସଞ୍ଜୀବ କହିଛନ୍ତି। ଅନ୍ୟପଟେ ବିଶାଖାପାଟଣାର ପୂର୍ବତନ ବିଧାୟକଙ୍କ ତେଲୁଗୁ ଫିଲ୍ମ ଲିଙ୍କ୍ ମିଳିଛି। କୋଟି କୋଟି ଟଙ୍କା ଗ୍ରାହକଙ୍କଠାରୁ ଠକି ମାଲ୍ଲା ବିଜୟ ଫିଲ୍ମ ତିଆରି କରୁଥିବା ତଦନ୍ତ ବେଳେ କ୍ରାଇମ୍‌ବ୍ରାଞ୍ଚର ଇଓଡବ୍ଲ୍ୟୁ ଜାଣିବାକୁ ପାଇଛି।

## ଜନଶୁଣାଣି ସ୍ଥଳ ରଣକ୍ଷେତ୍ର

ପରଜଙ୍ଗ, ୮।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପ୍ରସ୍ତାବିତ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପକୁ ୬ ପଞ୍ଚାୟତବାସୀ ତୀବ୍ର ବିରୋଧ କରିଛନ୍ତି। ଏହାକୁ ନେଇ ବୁଧବାର ଅନୁଷ୍ଠିତ ଜନଶୁଣାଣି ସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ଉତ୍ୟକ୍ତ ଗ୍ରାମବାସୀ ଟେଣ୍ଟ ଭାଙ୍ଗିଦେବା ସହ ପ୍ରକଳ୍ପ ବାତିଲ କରିବାକୁ ଅଡ଼ି ବସିଥିଲେ। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ସୃଷ୍ଟି ହେବାରୁ ଜନଶୁଣାଣି କାର୍ଯ୍ୟକ୍ରମକୁ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାସ ସ୍ଥଗିତ ରଖିଥିଲେ।

ପରଜଙ୍ଗ ବ୍ଲକ ଭାଲୁମୁଣ୍ଡ-ଆଲୁଅଝରଣ ରାସ୍ତାର କାଖୁ ଜଙ୍ଗଲରେ ୱେଷ୍ଟର୍ନ ଇଣ୍ଟିଗ୍ରେଟେଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ଫାସିଲିଟି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଏକ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ କରିବା ଲାଗି ପ୍ରସ୍ତାବ ରହିଛି। ଏଥିଲାଗି ପ୍ରଶାସନ, କମ୍ପାନୀ କର୍ତ୍ତୃପକ୍ଷ, ଗ୍ରାମବାସୀଙ୍କୁ ନେଇ ପାଟରପଦା କ୍ରିକେଟ ପଡ଼ିଆରେ ବୁଧବାର ପୂର୍ବାହ୍ନରେ ଜନଶୁଣାଣି କାର୍ଯ୍ୟକ୍ରମ ଲାଗି ନିଷ୍ପତ୍ତି ହୋଇଥିଲା। ତେବେ ଜନଶୁଣାଣି ଆରମ୍ଭ ହେବା ପୂର୍ବରୁ ପ୍ରକଳ୍ପ ସଂଲଗ୍ନ ପାଟରପଦା, ରୋଡ୍, ଲୋଧଣୀ, କନ୍ଦରସିଂହା, ରେଣ୍ଟାପାଟ ଏବଂ କୁମୁସୀ ପଞ୍ଚାୟତର ଶତାଧିକ ବାସିନ୍ଦା ଏକାଠି ହୋଇ ବିରୋଧ କରିଥିଲେ। ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ହେଲେ ପରିବେଶ ପ୍ରଭାବିତ ହେବ। ବନ୍ୟ ଜୀବନ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼ିବ। ତେଣୁ କୌଣସି ପରିସ୍ଥିତିରେ ପ୍ରକଳ୍ପ କରାଇ ଦିଆଯିବ ନାହିଁ ବୋଲି ସେମାନେ ଚେତାବନୀ ଦେଇଥିଲେ। ଅନ୍ୟପଟେ କମ୍ପାନୀର ଜେନେରାଲ ମ୍ୟାନେଜର ରତୀନ୍ଦ୍ର ନାରାୟଣ ସାହୁ ଲୋକଙ୍କ ଆଶଙ୍କାକୁ ଖଣ୍ଡନ କରିଛନ୍ତି। ପ୍ରକଳ୍ପ ଦ୍ୱାରା କୌଣସି କ୍ଷତି ହେବ ନାହିଁ ବୋଲି ସେ କହିଛନ୍ତି।

**ଗରମ ଡାଲି ପଡ଼ି ସେବାୟତ ଗୁରୁତର**

ପୁରୀ ଅଫିସ: ଶ୍ରୀମନ୍ଦିରରେ ବୁଧବାର ରୋଷଘରୁ ଛେକ ବୋହିବାବେଳେ ଗରମ ଡାଲି ପଡ଼ି ଜଣେ ସେବାୟତ ଆହତ ହୋଇଛନ୍ତି। ସେ ହେଲେ ଗୌଡ଼ବାଡ଼ ସାହିର ବିଶ୍ୱଜିତ ମହାସୁଆର। ବିଶ୍ୱଜିତଙ୍କ ହାତ, ଗୋଡ଼ ଓ ପିଠିର କିଛି ସ୍ଥାନ ପୋଡ଼ି ଯାଇଛି। ବିଶ୍ୱଜିତ ଛେକ ବୋହୁଥିବାବେଳେ କୌଣସି କାରଣରୁ ତାଙ୍କ ଉପରେ ଗରମ ଡାଲି ପଡ଼ିଯାଇଥିଲା। ସେଠାରେ ଥିବା ସେବାୟତମାନେ ତାଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ଯାଇଥିଲେ। ତେବେ ମୁଖ୍ୟ ଚିକିତ୍ସାଳୟର ସମ୍ପୃକ୍ତ ବିଭାଗରେ ଏସି କିମ୍ବା ଫ୍ୟାନ ଅଚଳ ହୋଇପଡ଼ିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ ଆଣିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହାକୁ ନେଇ ଚିକିତ୍ସାଳୟରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା।




୦୮.୦୯.୨୦୨୧

| | |
|---|---|
| ୨, ୫୫, ୦୪୩ ଟଙ୍କା | |
| ସୁନା | ୧୧.୧୦୦ ଗ୍ରାମ୍ |
| ରୁପା | ମିଳିନାହିଁ |

# ଫାଣ୍ଡି ପ୍ରତିଷ୍ଠା ପ୍ରତିଶ୍ରୁତି ପାଣିର ଗାର

- ପୂର୍ବତନ ଡିଜି, ଡିଆଇଜି ଦେଇଥିଲେ ପ୍ରତିଶ୍ରୁତି
- ୨୦୦୬ରେ ହୋଇଥିବା ଆଉ୍ ପୋଷ୍ଟ ୩ବର୍ଷ ଚାଲି ବନ୍ଦ



ନିମାପଡ଼ା,୮।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଖେଲାର ବଜାର ଏକ ବ୍ୟବସାୟିକ କେନ୍ଦ୍ର ଓ ଜନଗହଳିପୂର୍ଣ୍ଣ ଅଞ୍ଚଳ। ନିମାପଡ଼ା ଥାନା, ପିପିଲି ଓ ବଳଙ୍ଗା ଥାନାର ମଧ୍ୟସ୍ଥଳରେ ଅବସ୍ଥିତ। ଏହି ଖେଲାର ଅଞ୍ଚଳ ସ୍ଥାନୀୟ ବଜାର, ନିମାପଡ଼ା, ବାଲିପାଟଣା ଓ ପିପିଲିର ହଜାରରୁ ଊର୍ଦ୍ଧ୍ୱ ବ୍ୟବସାୟୀ, ଲୋକେ ନିର୍ଭର କରିଥାନ୍ତି। ଜନଗହଳିପୂର୍ଣ୍ଣ ଖେଲାର ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ପରିସ୍ଥିତି ଓ ଟ୍ରାଫିକ ବ୍ୟବସ୍ଥାର ସୁଧାର ଆଣିବା ପାଇଁ ଖେଲାର ବଜାରରେ ଏକ ନୂତନ ଫାଣ୍ଡିର ଆବଶ୍ୟକତା ରହିଛି। ଏଥିପାଇଁ ଖେଲାର ଅଞ୍ଚଳବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି, ଆଇଜି, ପୁରୀ ଏସ୍‌ପିଙ୍କ ନିକଟରେ ବାରମ୍ବାର ଦାବି ହୋଇଛି। ଖେଲାରେ ନୂତନ ଫାଣ୍ଡି ପ୍ରତିଷ୍ଠା ପାଇଁ ବିଗତ ଦିନରେ ପୋଲିସ ବିଭାଗର ତତ୍କାଳୀନ ଡିଆଇଜି, ପୁରୀ ଏସ୍‌ପି ବହୁବାର ପ୍ରତିଶ୍ରୁତି ଦେଇଆସିଛନ୍ତି। ନିମାପଡ଼ାରେ ସ୍ଥାୟୀ ପୋଲିସ ସବଡିଭିଜନ ଅଫିସ ୨୩/୬/୨୦୦୫ରେ ଉଦ୍‌ଘାଟନ ସମାରୋହରେ ଅତିଥି ଭାବେ ତତ୍କାଳୀନ ଡିଜି ବି.ବି. ମିଶ୍ର, ଡିଆଇଜି ଏସ୍.କେ.ଉପାଧ୍ୟାୟ ଯୋଗଦେଇ ଖେଲାରେ ନୂତନ ଫାଣ୍ଡି ପ୍ରତିଷ୍ଠା କରାଯିବ ବୋଲି କହିଥିଲେ। ହେଲେ ଇତିମଧ୍ୟରେ ୧୫ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ଅଞ୍ଚଳବାସୀଙ୍କ ପାଇଁ ପାଣିର ସଦୃଶ ପାଲଟିଛି।

ଜନସଂଖ୍ୟା, ଆୟତନ, ପରିସୀମା, ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଖେଲାରରେ ଫାଣ୍ଡି ପ୍ରତିଷ୍ଠା ପାଇଁ ସମସ୍ତ ପ୍ରକାରର ଭିତ୍ତିଭୂମି ରହିଛି। ରେଞ୍ଜ ଶାସନ, ହରିପୁର, ଗଡ଼ପଦନପୁର, ଧଗୁଆଁ, ବଡ଼ମାଛପୁର, ଶଗଡ଼ା, ଅଲଣ୍ଡା ଆଦି ୭/୮ଟି ପଞ୍ଚାୟତ ଓ ଏହି ପଞ୍ଚାୟତରେ ରହୁଥିବା ୫୦ହଜାର ଲୋକଙ୍କ ପାଇଁ ଉକ୍ତ ଫାଣ୍ଡି ହେବାର ଆବଶ୍ୟକତା ରହିଛି। ହେଲେ ନିର୍ବାଚିତ ଲୋକ ପ୍ରତିନିଧି, ରାଜନେତାଙ୍କ ଇଚ୍ଛା ପ୍ରକାଶ, ଆନ୍ତରିକ ଉଦ୍ୟମ ନ ଥିବା ଯୋଗୁ ଫାଣ୍ଡି ପ୍ରତିଷ୍ଠା ହୋଇପାରୁ ନାହିଁ। ଫଳରେ ଖେଲାରରେ ଫାଣ୍ଡି ପ୍ରତିଷ୍ଠା ନେଇ ଆଶା ଆଶଙ୍କାରେ ରହିଯାଇଛି। ଅନ୍ୟପକ୍ଷେ ଆଇନଶୃଙ୍ଖଳା ପରିସ୍ଥିତି ଓ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣକୁ ଆଖି ଆଗରେ ରଖି ନିମାପଡ଼ା ଥାନା ପକ୍ଷରୁ ଖେଲାର ବଜାରରେ ୨୦୦୬ରେ ଏକ ପୋଲିସ ଆଉ୍ ପୋଷ୍ଟ ଖୋଲାଯାଇଥିଲା। ଏକ କ୍ୟାବିନରେ ଜଣେ କନେଷ୍ଟବଳ, ୨ ହୋମଗାର୍ଡ ନେଇ ଏହି ପୋଲିସ ଏଉ୍‌ପୋଷ୍ଟ କାର୍ଯ୍ୟ କରୁଥିଲା। ଏ ପୋଷ୍ଟକୁ ନେଇ ଅଞ୍ଚଳବାସୀ କେତେକାଂଶରେ ଉପକୃତ ହେଉଥିଲେ। ହେଲେ କୌଣସି କାରଣରୁ ୨୦୦୮-୦୯ରୁ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଏହି ପୋଷ୍ଟଟି ବନ୍ଦ ହୋଇ ତାଲା ଝୁଲୁଛି। ଫଳରେ ଏବେ ଲୋକଙ୍କ କାମରେ ମଧ୍ୟ ଲାଗୁନି। ଏହି ରାସ୍ତା ଦେଇ ପୁରୀ, କଟକ, ଭୁବନେଶ୍ୱର, କଟକ, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ ଅଞ୍ଚଳକୁ ଦୈନିକ ଶହ ଶହ ସଂଖ୍ୟାରେ ଯାନବାହନ କରୁଥିବାବେଳେ ସୁରକ୍ଷାକୁ ନେଇ ବିପଦ ମନେ କରି ଯାତାୟାତ କରନ୍ତି। ଫଳରେ ରାତି ହେଲେ ନାନା ଅପରାଧ ମଧ୍ୟ ହେଉଛି ତେବେ କେବେ ଏଠାରେ ଫାଣ୍ଡି ହେବ ସେହି ଅପେକ୍ଷାରେ ଗ୍ରାମବାସୀ ଚାହିଁ ରହିଛନ୍ତି। ଏ ନେଇ ଏସ୍‌ଡିପିଓ ଦେବାଶିଷ ମିଶ୍ର, ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳେଇଙ୍କୁ ପଚାରିବାରେ ଏଠାରେ ଫାଣ୍ଡି ନିର୍ମାଣ କରିବା ଲାଗି ଏସ୍‌ପିଙ୍କୁ ବାରମ୍ବାର ଲିଖିତ ଭାବେ ଜଣାଇଛୁ। ଏସ୍‌ପି ଏଦିଗରେ ବିଚାରବିମର୍ଶ କରୁଛନ୍ତି ବୋଲି ଉଭୟେ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ ଏ ଦିଗରେ ଦୃଷ୍ଟି ଦେଇ ଫାଣ୍ଡି ପ୍ରତିଷ୍ଠା କରିବା ନେଇ ତୁରନ୍ତ ପଦକ୍ଷେପ ନେବାକୁ ସରପଞ୍ଚ ଭାସ୍କର ସାହୁ, ସସ୍ମିତା ନାୟକ, ଅମିତା ମଲ୍ଲିକ, ପୂର୍ବତନ ସରପଞ୍ଚ ଗୋକୁଳାନନ୍ଦ ପରିଡ଼ା, ମମତା ପରିଡ଼ା, ଯୁବନେତା ତପନଜ୍ୟୋତି ବରିହା, ସୁବାସ ମିଶ୍ର ପ୍ରମୁଖ ଦାବି କରିଛନ୍ତି।

## ନିଶା ନିବାରଣ ପାଇଁ ଗ୍ରାମ୍ୟ କମିଟି ଗଠିତ

**ଡେଲାଙ୍ଗ, ୮।୯(ଡି.ଏନ୍.ଏ):** ଡେଲାଙ୍ଗ ହାଟବଜାରଠାରୁ ବେରବୋଇ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ନିଶାଖୋର ଯୁବକମାନେ ଉତ୍ପାତ କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚୋରି ଘଟଣା ବୃଦ୍ଧି ପାଉଛି। ଯୁବ ସମାଜ ଏବେ ନିଶା କବଳରେ ପଡ଼ି ଖରାପ ମାର୍ଗ ଆପଣାଉଛି। ଏହି ଅଞ୍ଚଳର ଅନେକ ଯୁବକ ବ୍ରାଉନସୁଗାର ସେବନ କରି ପରିବାରରେ ଅଶାନ୍ତି ସୃଷ୍ଟି କରିବା ସହ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି। ଖୋର୍ଦ୍ଧା, ପୁରୀ, ନିମାପଡ଼ା ଓ ଭୁବନେଶ୍ୱରରୁ ଅନେକ ଯୁବକ ଆସି ଏଠାରେ ଆଡ୍ଡା ଜମାଉଛନ୍ତି। ଆବାହକ ଅଶୋକ ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ଗୁଆଚଉକା, ରାମଚନ୍ଦ୍ରପୁର ଓ ଡିହଉପର ଗ୍ରାମର ମୁରବିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକ କମିଟି ଗଠନ କରାଯାଇ ନିଶା ନିବାରଣ ଦିଗରେ ଉଚିତ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ହୋଇଛି। ସଭାପତି ଭାବେ ଅଶୋକ ପ୍ରଧାନ, ଉପସଭାପତି ସମିର ଶାହା, ସମ୍ପାଦକ ସୂର୍ଯ୍ୟକାନ୍ତ ସାମନ୍ତରାୟ ଏବଂ କୋଷାଧ୍ୟକ୍ଷ ଭାବେ ଆର୍ତ୍ତତ୍ରାଣ ସାହୁଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ଗୁରୁବାର ନିଶା ନିବାରଣ ଲାଗି ବ୍ଲକ ପ୍ରଶାସନକୁ ଦାବିପତ୍ର ଦିଆଯିବ। ବୈଠକରେ ୩ ଗ୍ରାମର ଶତାଧିକ ଲୋକ ଯୋଗଦେଇଥିଲେ।


ମାଟିମଣ୍ଡପ ସାହିରୁ ବାହାରିଥିବା ବେଶଧାରୀ ଦାବାଗ୍ନି ଅସୁରଙ୍କ ସହ କୃଷ୍ଣ ଓ ବଳରାମ।

## ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି

ପୁରୀ ଅଫିସ, ୮।୯

ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଛି। ସନ୍ଧ୍ୟା ଧୂପ ବଢ଼ିବା ପରେ ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ ହୋଇଥିଲେ। ପରେ ନାଟ ମନ୍ଦିର ଖଟକୁ ବିଜେ କରିଥିଲେ। ଏହାପରେ ଠାକୁରଙ୍କ ସମ୍ମୁଖରେ ଦାବାଗ୍ନି ଲୀଳା ନୀତି ସମ୍ପନ୍ନ ହୋଇଥିଲା। ଶୀତଳ ଭୋଗ ଓ ବନ୍ଦାପନା ପରେ ଶ୍ରୀମଦନମୋହନ ବାହୁଡ଼ା ବିଜେ କରିଥିଲେ। ମାଟିମଣ୍ଡପ ସାହିର ଉତ୍ତର କାଳି ଆଖଡ଼ା ପକ୍ଷରୁ ଦାବାଗ୍ନି ଲୀଳା ପ୍ରସ୍ତାବ ଆଗତ କରାଯାଇଥିଲା। ମହାବୀର ମହାପାତ୍ର ବଳରାମ, ସୌରଭ ମହାପାତ୍ର କୃଷ୍ଣ ଏବଂ ସୁଦର୍ଶନ ପ୍ରଧାନ ଦାବାଗ୍ନି ରାକ୍ଷସ ବେଶଧାରୀ ସାଜି ଏହି ନୀତିରେ ସାମିଲ ହୋଇଥିଲେ। ବେଶଧାରୀମାନେ ଉତ୍ତର କାଳି ଆଖଡ଼ାରୁ ବାହାରି ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ଯାଇଥିଲେ। ପରେ ଆଜ୍ଞାମାଳ ପାଇ ଦାବାଗ୍ନି ଅସୁର ପ୍ରକୋପ ଦେଖାଇଥିଲା। କୃଷ୍ଣ ଓ ବଳରାମଙ୍କ ହସ୍ତରେ ସେ ବଧ ହୋଇଥିଲା। ଏ ସମ୍ପର୍କରେ ଗବେଷକ ସୌମ୍ୟ ପଣ୍ଡା କହିଛନ୍ତି, ଦାବାଗ୍ନି ଶବ୍ଦର ଅର୍ଥ ବନ ବହ୍ନି। ଯେତେବେଳେ ଭଗବାନ ଶ୍ରୀକୃଷ୍ଣ କାଳୀୟଦଳନ କଲେ, ସେଦିନ କୌଣସି ଗୋପୀ ଗୋପାଳ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରି ନ ଥିଲେ। ସମସ୍ତେ ଯମୁନା ନଦୀ କୂଳରେ ଥିବା ଜଙ୍ଗଲରେ ରହିଯାଇଥିଲେ। ସେହି ରାତିରେ ପ୍ରଚଣ୍ଡ ବେଗରେ ଦାବାଗ୍ନି ପ୍ରଜ୍ୱଳିତ ହେଲା। ତାହାକୁ ଦେଖି ନନ୍ଦ, ଯଶୋଦା, ଗୋପୀଗୋପାଳ ସମସ୍ତେ ଭୟଭୀତ ହୋଇପଡ଼ିଥିଲେ। ତେଣୁ ସେମାନେ ଶ୍ରୀକୃଷ୍ଣଙ୍କ ଶରଣ ପଶିଲେ। ଶ୍ରୀକୃଷ୍ଣ ସର୍ବସମ୍ମୁଖରେ ଦାବାଗ୍ନିକୁ ଭକ୍ଷଣ କରିଥିଲେ। ଫଳରେ ଜଙ୍ଗଲ ରକ୍ଷା ପାଇବା ସହ ସମସ୍ତେ ଆଶ୍ୱସ୍ତି ଲାଭ କରିଥିଲେ। ଦ୍ୱାପର ଯୁଗର ଏହି ଲୀଳାକୁ ସ୍ମରଣ କରାଯାଇ ଶ୍ରୀମନ୍ଦିରରେ ଏହି ନୀତି ଅନୁଷ୍ଠିତ ହୋଇଆସୁଛି।



ପୁରୀ ଜିଲ୍ଲା ବସ୍ତି ଥଇଥାନ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

## ବିଜେଡି କର୍ମୀ ବୈଠକ: ପ୍ରାର୍ଥୀଙ୍କୁ ଜିତାଇବାକୁ ଆହ୍ୱାନ

ଡେଲାଙ୍ଗ, ୮।୯(ଡି.ଏନ୍.ଏ)

ପିପିଲି ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ରୁଦ୍ର ପ୍ରତାପ ମହାରଥୀଙ୍କୁ ଜିତାଇବା ନେଇ ବୁଧବାର ଡେଲାଙ୍ଗ ହାଟ ବଜାର ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କର୍ମୀମାନେ ମାନ ଅଭିମାନକୁ ପଛରେ ପକାଇ ରୁଦ୍ରଙ୍କୁ ଜିତାଇବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ୧୬ ନମ୍ବର ଜିଲାପରିଷଦ ଜୋନ୍‌ର ଏହି ବୈଠକରେ ବ୍ଲକ ସଭାପତି ବୈରାଗୀ ଜେନା ସଭାପତିତ୍ୱ କରିଥିଲେ। ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ପିପିଲି ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରୁଦ୍ରପ୍ରତାପ ମହାରଥୀ, ଜିଲାପରିଷଦ ସଭ୍ୟା ପୁଷ୍ପାଞ୍ଜଳି ସାମଲ, ପିପିଲି ବ୍ଲକ ଆମ୍ବା ଅଧ୍ୟକ୍ଷ ଧରଣୀଧର ସାହୁ, ଯୁବ ବିଜେଡି ସଭାପତି ନାରାୟଣ ସ୍ୱାଇଁ, ଡେଲାଙ୍ଗ ବ୍ଲକ ଆମ୍ବା ଅଧ୍ୟକ୍ଷ ସୁଧାକର ମାର୍ଥା, ସାଉରିଆ ସମିତିସଭ୍ୟ ଦୁଷ୍ମନ୍ତ ପାଙ୍ଗଶାଣୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲଛମନ ଦଳାଇ, ପୂର୍ବତନ ସରପଞ୍ଚ ନବଘନ ପ୍ରଧାନ, ଦୁର୍ଯ୍ୟୋଧନ ସାହୁ ଓ ସୁଦୀପ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ। କଲ୍ୟାଣପୁର, ଡେଲାଙ୍ଗ -କୋଠବାଡ଼, ମୁନିନ୍ଦା, ସାଉରିଆ, ଅରିସଲ, ଖେଲାଉର ଓ ଘନିପୁର ପଞ୍ଚାୟତର ବିଜେଡି କର୍ମୀଙ୍କୁ ଦଳକୁ ମଜଭୁତ କରିବା ପାଇଁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ।

## ଘର, ଦୋକାନ ଖାଲି କରିବାକୁ ନୋଟିସ

**ସାକ୍ଷୀଗୋପାଳ ମନ୍ଦିର ସୌନ୍ଦର୍ଯ୍ୟକରଣ**

ସାକ୍ଷୀଗୋପାଳ,୮।୯ (ଡି.ଏନ୍.ଏ./ସ୍ୱ.ପ୍ର.)

ପ୍ରସ୍ତାବିତ ସାକ୍ଷୀଗୋପାଳ ମନ୍ଦିର ସୌନ୍ଦର୍ଯ୍ୟକରଣ ନିମନ୍ତେ ମନ୍ଦିର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ବାସଗୃହ ଓ ଦୋକାନ ଖାଲି କରିବାକୁ ଶ୍ରୀ ଶ୍ରୀ ସତ୍ୟବାଦୀ ଗୋପୀନାଥ ଦେବ ଏଣ୍ଡୋଓମେଣ୍ଟ ପକ୍ଷରୁ ବୁଧବାର ନୋଟିସ ଦିଆଯାଇଛି। ମନ୍ଦିରଠାରୁ ବର୍ଷ ର୍ଷ ଧରି ଭଡାରେ ନେଇଥିବା ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀ, ବିଭିନ୍ନ ସଂଗଠନ, ଅଧିବାସୀ ଓ ମନ୍ଦିର ସେବାୟତମାନଙ୍କ ସହ ୧୨୩ଜଣଙ୍କୁ ବ୍ୟକ୍ତିଗତ ଭାବେ ନୋଟିସ ଦିଆଯିବ ବୋଲି ଜଣାପଡ଼ିଛି। ନୋଟିସ ପାଇବାର ୧୫ ଦିନ ମଧ୍ୟରେ ଦୋକାନ ଓ ବାସଗୃହ ଖାଲିକରି ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନ ନୋଟିସ ମାଧ୍ୟମରେ ଜଣାଇବା ସଙ୍ଗେ ସଙ୍ଗେ ଏହି ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ କାମନା କରିଛନ୍ତି। ପ୍ରାରମ୍ଭିକ ଆଲୋଚନା ଅନୁଯାୟୀ ମନ୍ଦିର ଫାଣ୍ଡିଠାରୁ ଚନ୍ଦନ ପୋଖରୀ ମଧ୍ୟରେ ରହିଥିବା ଦୋକାନ ଓ ବାସଗୃହଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସେ କହିଛନ୍ତି। ନୋଟିସ ପାଇବା ପରେ ଲୋକେ ଥଇଥାନ ପ୍ରସଙ୍ଗ ନେଇ ନାନା ଆଶା ଆଶଙ୍କାରେ ରହିଛନ୍ତି।

# ଜାଗା ମିଶନରେ ସାମିଲ ଦାବି

**ଜିଲାପାଳଙ୍କୁ ଦାବିପତ୍ର ଦେଲା ବସ୍ତି ଥଇଥାନ କମିଟି**

ପୁରୀ ଅଫିସ, ୮।୯

ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରାଯିବା ଦାବିରେ ପୁରୀ ଜିଲା ବସ୍ତିଥଇଥାନ କମିଟି ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। କମିଟିର କର୍ମକର୍ତ୍ତା ଅଭିଯୋଗ କରିଛନ୍ତି ଯେ, ପୁରୀ ସହରର ଚକ୍ରତୀର୍ଥ ରୋଡ୍ ମଧ୍ୟରେ ଥିବା ବାଙ୍କିମୁହାଣ ନୂଆସାହି, ମଣିବାବା କଲୋନୀ, ୟୁଥ୍ ହଷ୍ଟେଲ ପଛପାଖ, ଦାରୁବ୍ରହ୍ମ କଲୋନୀ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଇନାହାନ୍ତି। ପୁରୀର ୪୦ଟି ବସ୍ତିକୁ ପଟ୍ଟା ମିଳି ଥିବାବେଳେ ଉପରୋକ୍ତ ବସ୍ତିଗୁଡ଼ିକର ଅନେକ ଅଞ୍ଚଳ ଏବେ ଜଳାଶୟ ଜମି କହି ପ୍ରଶାସନ ଅଣଦେଖା କରୁଛି। ଏହି ବସ୍ତିବାସିନ୍ଦା ରାଶନ କାର୍ଡ, ଭୋଟର ପରିଚୟପତ୍ର ଏବଂ ଆଧାର କାର୍ଡ଼ ପାଇଛନ୍ତି। ରାସ୍ତା, ପାନୀୟଜଳ, ବିଦ୍ୟୁତ ପ୍ରଭୃତି ମୌଳିକ ସୁବିଧା ମଧ୍ୟ ସେମାନଙ୍କୁ ଯୋଗାଇ ଦିଆଯାଉଛି। ବର୍ଷ ବର୍ଷ ଧରି ସେମାନେ ବସବାସ କରି ଆସୁଥିବାରୁ ପ୍ରଶାସନ ତୁରନ୍ତ ଏମାନଙ୍କୁ ଜାଗା ମିଶନରେ ଅନ୍ତର୍ଭୁକ୍ତ କରିବାକୁ କମିଟି ଦାବି କରିଛି। ଆସନ୍ତା ୧୫ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଅନଶନ ଓ ସତ୍ୟାଗ୍ରହ କରାଯିବ ବୋଲି କମିଟି କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି।

## କଂଗ୍ରେସ କର୍ମୀ ସମ୍ମିଳନୀ

**ପିପିଲି,୮।୯(ସ୍ୱ.ପ୍ର.):** ପିପିଲି ବ୍ଲକ ଓ ଏନ୍‌ଏସି କଂଗ୍ରେସ ପକ୍ଷରୁ ସ୍ଥାନୀୟ ଜୟପୁର ଛକଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମୀମାନଙ୍କୁ ନିର୍ବାଚନ ଲଢେଇରେ ଏକଜୁଟ ରହିବା ପାଇଁ ପରାମର୍ଶ ଦେଇଥିଲେ। ପିପିଲି ବ୍ଲକର ୨୫ଟି ପଞ୍ଚାୟତ ପ୍ରମୁଖ କର୍ମୀ ଓ ପିପିଲି ଏନ୍‌ଏସିର ଶତାଧିକ କର୍ମୀ ଯୋଗଦେଇଥିବା ବେଳେ ପିପିଲି ବ୍ଲକ କଂଗ୍ରେସ ସଭାପତି ଜିତୁପ୍ରକାଶ ପରିଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ପ୍ରାର୍ଥୀ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ରଙ୍କ ସହ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର, ଏକାମ୍ର ବିଧାୟକ ପ୍ରାର୍ଥୀ ରଶ୍ମି ମହାପାତ୍ର, ପିସିସି ସମ୍ପାଦକ ମାନସ ଆଚାର୍ଯ୍ୟ, ଡେଲାଙ୍ଗ ବ୍ଲକ ସାଭାପତି ରବିନାରାୟଣ ଦାସ ଓ ପିପିଲି ଏନ୍‌ଏସି ସଭାପତି ସେକ ମେହେବୁବ୍ ଯୋଗଦେଇ ଆଗାମୀ ଦିନରେ ପିପିଲି ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ କିପରି ବିଜୟଲାଭ କରିବେ ଏବଂ ଅଞ୍ଚଳବାସୀଙ୍କ ସମସ୍ୟାକୁ ନେଇ କଂଗ୍ରେସ କିପରି ଲୋକଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଆଲୋଚନା କରାଯାଇଥିଲା। ଏଥିସହ ଏକାଠି ହୋଇ ନିର୍ବାଚନ ଲଢ଼ିବା ସହିତ ଆଗାମୀ ଦିନରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ କର୍ମୀଙ୍କ ମଧ୍ୟରେ ସଂକଳ୍ପବଦ୍ଧ କରାଯାଇଥିଲା। ପିପିଲି ନିର୍ବାଚନ ପାଇଁ ପିସିସି ସଭାପତିଙ୍କ ନିକଟକୁ ଏକ ପ୍ରତିନିଧି ଦଳ ଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

# ରେଲୱେ ଘରୋଇକରଣକୁ ବିରୋଧ

ପୁରୀ ଅଫିସ,୮।୯



ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନ୍ ପକ୍ଷରୁ ଆୟୋଜିତ ପ୍ରତିବାଦ ସଭା।

ଅଲ୍ ଇଣ୍ଡିଆ ରେଲୱେ ମେନ୍ସ ଫେଡେରେଶନ୍ ଆହ୍ୱାନ କ୍ରମେ ପୂର୍ବତଟ ରେଳପଥ ଶ୍ରମିକ ୟୁନିୟନ୍ ପକ୍ଷରୁ ରେଲୱେ ଘରୋଇକରଣ ନିଷ୍ପତ୍ତିକୁ ବିରୋଧ କରାଯାଇଛି। ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ ୟୁନିୟନ ଦାବି କରିଛି। ୬ ଲକ୍ଷ କୋଟି ନ୍ୟାଶନାଲ୍ ମନିଟାଇଜେଶନ୍ ପ୍ଲାନ୍‌ରେ ରେଲୱେର ୪ଶହ ଷ୍ଟେଶନ, ୧୫ଟି ରେଲୱେ ଷ୍ଟାଡିୟମ୍, ୬୭୩ କିଲୋମିଟରର ମାଲଗାଡ଼ି ଲାଇନ୍, ୧୪ଶହ କିଲୋମିଟରର ରେଲୱେ ଟ୍ରାକ୍, ୯୦ଟି ପାସେଞ୍ଜର ଟ୍ରେନ୍ ଓ ରେଲୱେ କଲୋନୀ ଆଦିକୁ ଘରୋଇ କମ୍ପାନୀଗୁଡ଼ିକ ହାତରେ ଟେକି ଦେବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ପୁରୀ ଶାଖାର ସମ୍ପାଦକ ଅମ୍ରିତ୍ ମିଶ୍ର କହିଛନ୍ତି। ଏହାକୁ ଶ୍ରମିକ ସଙ୍ଗଠନ ବିରୋଧ କରୁଛି। ଆଗାମୀ ଦିନରେ ଭାରତୀୟ ରେଳର ଘରୋଇକରଣ ନିଷ୍ପତ୍ତି କାର୍ଯ୍ୟକାରୀ କରାଗଲେ ପ୍ରତିବାଦ ତୀବ୍ର କରାଯିବ ବୋଲି ଶ୍ରମିକ ୟୁନୟନ କର୍ମକର୍ତ୍ତା କହିଛନ୍ତି। ଏହି ପ୍ରତିବାଦ ସଭାରେ ଶ୍ରମିକ ସଂଘ ଅଧ୍ୟକ୍ଷ କେ.ସି.ରଥ, କାର୍ଯ୍ୟକାରୀ ଅଧ୍ୟକ୍ଷ କୈଳାସ ପାତ୍ର, କୋଷାଧ୍ୟକ୍ଷ ଶ୍ରୀଧର ସ୍ୱାଇଁ, ପୂର୍ବତନ ସମ୍ପାଦକ ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆଞ୍ଚଳିକ ପରିଚାଳକଙ୍କୁ ସମ୍ବର୍ଦ୍ଧନା

ଡେଲାଙ୍ଗ, ୮।୯(ଡି.ଏନ୍.ଏ)

ଡେଲାଙ୍ଗ ଷ୍ଟେଶନ ବଜାର ସନ୍ନିକଟ ସାହାରା ଇଣ୍ଡିଆ କାର୍ଯ୍ୟାଳୟ ପକ୍ଷରୁ ପୁରୀ ଜିଲାର ଆଞ୍ଚଳିକ ପରିଚାଳକ ଭବାନୀ ଶଙ୍କର ପ୍ରଧାନଙ୍କୁ ବୁଧବାର ଡେଲାଙ୍ଗ ଶାଖାରେ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏହି ଅବସରରେ ଶାଖା ପରିଚାଳକ ବୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସନ୍ତୋଷ ବିଶ୍ୱାଳ, ଅବଦୁଲ ରହିମ ଖାଁ, ମାଧବ ବଳ, ସୁକାନ୍ତ ମହାପାତ୍ର, ବଟକୃଷ୍ଣ ମିଶ୍ର, ମନୋଜ ବରାଳ, ସଞ୍ଜୟ ସିଂ ପ୍ରମୁଖ ଯୋଗଦେଇ ଥିଲେ। ସାହାରାର ବିଭିନ୍ନ ସ୍କିମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ପୁରୀ, ଡେଲାଙ୍ଗ, ଚନ୍ଦନପୁର, ସାକ୍ଷୀଗୋପାଳ ଓ ପିପିଲିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ


ଜିଲାପାଳ ସମର୍ଥ ବର୍ମା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖୁଛନ୍ତି।

ପୁରୀ ଅଫିସ, ୮।୯

ଜିଲାପାଳ ସମର୍ଥ ବର୍ମା ବୁଧବାର ପୁରୀ ସଦର ବ୍ଲକ୍‌ର ବାଲିପୁଟ ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଗ୍ରାମୀଣ ପାର୍କ, ପାଠାଗାର ଗୃହ, ମିଶନ ଶକ୍ତି ଗୃହ, ବାଲିପୁଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ ପରିଦର୍ଶନ କରିଥିଲେ। ସେହିପରି ସ୍ଥାନୀୟ ବିଦ୍ୟାଳୟରେ ୫-ଟି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଉଚ୍ଚ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବ ବୋଲି ଜିଲାପାଳ କହିଥିଲେ। ଏହି ଅବସରରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓ, ସଦର ବ୍ଲକ ସହକାରୀ ଯନ୍ତ୍ରୀ, ସରପଞ୍ଚ ପୀତବାସ ଫାରକ, ପୂର୍ବତନ ସରପଞ୍ଚ ବାବୁଲି ପରିଡ଼ା, ସମିତି ସଭ୍ୟ ଅଶୋକ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଅସହାୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ

**କୋଣାର୍କ,୮।୯(ଡି.ଏନ.ଏ.):** କୋଭିଡ୍ ସମୟରେ ଜୀବନ ଜୀବିକା ହରାଇଥିବା ଅସହାୟ ପରିବାରଙ୍କୁ ୟଙ୍ଗଇଣ୍ଡିଆ ଏବଂ ଆକ୍ସନଏଡର ମିଳିତ ସହଯୋଗରେ କୋଣାର୍କ କୁରୁଜଙ୍ଗ ପଞ୍ଚାୟତର ନୁହାଡ଼ି , ଯମରା ଭାଣପୁର ଗ୍ରାମର ୨୩ ପରିବାରଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆକ୍ସନଏଡର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ଫାଇନାସ ନିର୍ଦ୍ଦେଶକ ଭେଙ୍କେଟଶ୍ୱର ନାୟକ, ୟଙ୍ଗ ଇଣ୍ଡିଆ ସଭାପତି ଏନ.ଏ. ଶାହା ଆନସାରି, ଶିକ୍ଷାବିତ ପ୍ରତାପ ରାଉତ ଏବଂ ରବୀନ୍ଦ୍ରନାଥ ବାହିନୀପତି ପ୍ରମୁଖ ଉପସ୍ଥିତ ଥିଲେ। ଆଗକୁ ମଧ୍ୟ ଜନସାଧାରଣଙ୍କ ଜୀବନ ଜୀବିକାର ବିକାଶ ପାଇଁ ସହଯୋଗ କରାଯିବ ବୋଲି ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର କହିଛନ୍ତି । ରୋଜାଲିନ ପ୍ରଧାନ, ଏସ. କାଜଲ, ଅନ୍ଦାଜ ଆରନ, ଟିକିନା ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ପୁରୀ ଅଫିସ, ୮।୯

କୃଷକଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମେତ ୩ଦଫା ଦାବି ନେଇ ଭାରତୀୟ କିଷାନ ସଂଘ ପୁରୀ ଶାଖା ପକ୍ଷରୁ ବୁଧବାର ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସଂଘର ପୁରୀ ଜିଲା ସମ୍ପାଦକ ଚିତ୍ରସେନ ବେହେରାଙ୍କ ନେତୃତ୍ୱରେ ଏହି ଦାବିପତ୍ର ଦିଆଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସରକାର କୃଷିଜାତ ଦ୍ରବ୍ୟର ବିକ୍ରି ପାଇଁ ଏମ୍‌ଏସ୍‌ପି ଲାଗୁ କରିଥିଲେ ମଧ୍ୟ ଏହା ଠିକ୍ ଭାବେ ପାଳନ ହେଉନାହିଁ। ଫଳରେ ଚାଷୀ ନିଜର କୃଷିଜାତ ଦ୍ରବ୍ୟ ବିକ୍ରି ବେଳେ ବିପୁଳ କ୍ଷତିର ସମ୍ମୁଖୀନ ହେଉଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ପାଇଁ ଏମ୍‌ଏସ୍‌ପି ଲାଗୁ କରାଯିବାକୁ ସଂଘ ଦାବି କରିଛି। ନଚେତ ଆନ୍ଦୋଳନ ହେବ ବୋଲି କୁହାଯାଇଛି।



କିଷାନ ସଂଘ ପୁରୀ ଶାଖା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ବେପାର ମାନ୍ଦା, ଚିନ୍ତାରେ ମୂର୍ତ୍ତି କାରିଗର

ପୁରୀ ଅଫିସ, ୮।୯

ଦିନକ ପରେ ଗଣେଶ ପୂଜା। ତେଣୁ ମୂର୍ତ୍ତି କାରିଗରମାନେ ମୂର୍ତ୍ତିଗୁଡ଼ିକରେ ଶେଷ ସ୍ପର୍ଶ ଦେବାରେ ବ୍ୟସ୍ତ। ତେବେ ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ କରୋନା ଯୋଗୁ ବ୍ୟବସାୟ ମାନ୍ଦା ପଡ଼ିଛି। ଗତ ବର୍ଷ କଟକଣା ଯୋଗୁ ମୂର୍ତ୍ତି କାରିଗରମାନେ ହାତ ବାନ୍ଧି ବସିଥିଲେ। ଚଳିତ ବର୍ଷ କଟକଣା ସାମାନ୍ୟ କୋହଳ ହୋଇଥିଲେ ବି ଗ୍ରାହକଙ୍କ ଦେଖା ନାହିଁ। ଚଳିତ ବର୍ଷ ମୂର୍ତ୍ତି ଦାମ୍ ବଢ଼ିଛି। ୧୦୦ ଟଙ୍କାରୁ ଆରମ୍ଭ କରି ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ମୂର୍ତ୍ତି ଦାମ୍ ରହିଛି। କେବଳ ବିଧି ରକ୍ଷା ଲାଗି ଲୋକେ କମ୍ ମୂଲ୍ୟରେ କମ୍ ଉଚ୍ଚତାର ମୂର୍ତ୍ତି କିଣିବାକୁ ଆଗ୍ରହ ପ୍ରକାଶ କରୁଥିବା କାରିଗର ଜଗନ୍ନାଥ ପରିଡ଼ା କହିଛନ୍ତି। ଏଭଳି ସ୍ଥିତି ଜାରି ରହିଲେ ଆଶାଜନକ ରୋଜଗାର କଷ୍ଟକର ହୋଇପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ଗଣେଶ ପୂଜାକୁ ଦୃଷ୍ଟିରେ ରଖି ୩-୪ମାସ ଆଗରୁ କାରିଗରମାନେ ମୂର୍ତ୍ତି ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିଥାନ୍ତି। ମାତ୍ର ଏଥର ବହୁ ବିଳମ୍ବରେ କାମ ଆରମ୍ଭ ହୋଇଛି। କରୋନା କଟକଣା ଏହି ବେଉସା ଉଜାଡ଼ି ଦେଇଛି। ପ୍ରତିବର୍ଷ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବଡ଼ ମୂର୍ତ୍ତି ପାଇଁ ଅର୍ଡର ଦିଆଯାଇଥାଏ। ବଡ଼ ମୂର୍ତ୍ତି ବିକ୍ରିରୁ ବେଶ୍ ଦୁଇ ପଇସା ରୋଜଗାର ହୁଏ। ତେବେ କରୋନା ପ୍ରଭାବ ଏବଂ ସରକାରଙ୍କ କଟକଣା ଯୋଗୁ ସମସ୍ତେ ପ୍ରାୟ ଛୋଟ ମୂର୍ତ୍ତି କିଣିବାକୁ ଆଗ୍ରହ ଦେଖାଉଛନ୍ତି। ଫଳରେ ପରିଶ୍ରମ ଅନୁସାରେ ପ୍ରାପ୍ୟ ମିଳୁନାହିଁ। ପୁରୀ ସହରବାସୀ ମୂର୍ତ୍ତି ପାଇଁ ଅଠରନଳା, କୁମ୍ଭାରପଡ଼ା, ଚାରିନଳା ଓ ମାଟିଆପଡ଼ା ଆଦି ସ୍ଥାନରେ ବରାଦ ଦେଇଥାନ୍ତି। କରୋନା ଯୋଗୁ କାରିଗରମାନେ ମୂର୍ତ୍ତି ନିର୍ମାଣରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେତିକି ଅର୍ଡର୍ ମିଳୁଛି ସେଇ ଅନୁସାରେ ମୂର୍ତ୍ତି ନିର୍ମାଣ କରାଯାଉଛି ବୋଲି କାରିଗର ମନୋରଞ୍ଜନ ମୁଦୁଲି କହିଛନ୍ତି।


କୁମ୍ଭାରପଡା ଛକର ଏକ ଷ୍ଟଲ୍‌ରୁ ଦୁଇ ଜଣ ଗ୍ରାହକ ମୂର୍ତ୍ତି କିଣୁଛନ୍ତି।

